CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୨ ◆ ଭୁବନେଶ୍ୱର ◆ ସୋମବାର ◆ ଜାନୁୟାରୀ ୧୯ରୁ ଜାନୁୟାରୀ ୨୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-22 ◆ Bhubaneswar ◆ Monday ◆ January 19 to January 25, 2026 ◆ Page-8 ◆ Price Rs.4.00

## ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,(ଜା.ପ୍ର ): ଜାନୁଆରୀ ୧୯ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର 'ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଚିଲିକାରେ ପକ୍ଷୀ ସଂଖ୍ୟା ୧୧,୩୨,୨୦୦

ଭୁବନେଶ୍ୱର,(ଜା.ପ୍ର): ଏସିଆ ମହାଦେଶର ସର୍ବବୃହତ୍ତମ ହ୍ରଦ ଭାବେ ପରିଚିତ ତଥା ପକ୍ଷୀମାନଙ୍କର ଭୂସର୍ଗ କୁହାଯାଉଥିବା ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ରବିବାର ପକ୍ଷୀ ଗଣନା ଶେଷ ହୋଇଛି। ଚିଲିକା ବନ୍ୟ ପ୍ରାଣୀ ବନଖଣ୍ଡ ବିଭାଗ ଓ ଚିଲିକା ଉର୍ନ୍ନୟନ କର୍ତ୍ତୃପକ୍ଷ (ସିଡିଏ )ର ମିଳିତ ଆନୁକୂଲ୍ୟରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟ ଅନୁଯାୟୀ ଗତବର୍ଷ ସମଗ୍ର ଚିଲିକାରେ ୧୧ ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀଙ୍କ ସମାଗମ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୧୧ ଲକ୍ଷ ୩୨ ହଜାର ୨ଶହରେ ପହଞ୍ଚିଛି । ଅର୍ଥାତ ଗତ ବର୍ଷ ୪ହଜାର ୯୭୨ଟି ପକ୍ଷୀ ବୃଦ୍ଧି ପାଇଛି। ସେହିପରି ନଳବଣରେ ଗତ ବର୍ଷ ୩ ଲକ୍ଷ ୪୩ ହଜାର ୨୨୬ଟି ପକ୍ଷୀଙ୍କ ସମାଗମ ହୋଇଥିବାବେଳେ ଚଳିତ ବର୍ଷ ଏଠାରେ ୩ଲକ୍ଷ ୯୭ ହଜାର ୫୮୭ଟି ପକ୍ଷୀଙ୍କ ସମାଗମ ହୋଇଛତ। ଅର୍ଥାତ ଚଳିତ ବର୍ଷ ୫୪ ହଜାର ୩୬୧ଟି ପକ୍ଷୀ ବୃଦ୍ଧି ପାଇଛି। ଚଳିତ ବର୍ଷ ୧୯୬ଟି ପ୍ରଜାତିର ପକ୍ଷୀ ଆସିଥିବାବେଳେ ସେଥିରୁ ବିଦେଶାଗତ ପକ୍ଷୀ ୧୦୬ ପ୍ରଜାତିର ୧୧ଲକ୍ଷ ୧୦ ହଜାର ୨୫୭ ଓ ଦେଶୀୟ ପକ୍ଷୀ ୯୦ ପ୍ରଜାତିର ୨୧ହଜାର ୯୪୩ଟି ରହିଛନ୍ତି। ଏଥର ୨ଟି ନୂଆ ପ୍ରଜାତିର ଯଥା ପ୍ଲେନ ମାର୍ଟିନ, ବେଙ୍ଗଲ ବୁଶ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଚିଲିକାରେ ପାଣି ପାଗ ଅନୁକୂଳ ଠିକ ଥିବାରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଚିଲିକାରେ ବଢ଼ିଛି। ନଳବଣରେ କେବଳ ୧୦୬ ପ୍ରଜାତିର ୩ଲକ୍ଷ ୯୭ ହଜାର୫୮୭ ଟି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଗତ ବର୍ଷ ଠାରୁ ୫୪ ହଜାର ୩୬୧ଟି ପକ୍ଷୀ ଅଧିକ ଦେଖିବାକୁ ମିଳିଛି। ଗଣନା ସମୟରେ ପକ୍ଷୀଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ସେଥିପାଇଁ ସମଗ୍ର ଚିଲିକାରେ ମାଛ ଧରା ଏବଂ ପର୍ଯ୍ୟଟଙ୍କ ଡଙ୍ଗା ଚଳାଚଳ ବନ୍ଦ ରଖିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଥିଲା।

## ରାଜ୍ୟ ସରକାରଙ୍କ ମୁଖପତ୍ର ଉନ୍ମୋଚିତ

# ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ରାଜ୍ୟସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ'। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟଠାରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଏବଂ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ।



ସୂଚନା ଯୋଗ୍ୟଯେ, 'ପ୍ରଗତି ପ୍ରବାହ'ର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। 'ଆମ ସରକାର ଚାଷୀ ମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀ ଟିଏ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀଙ୍କ ' ଆତ୍ମନିର୍ଭରଶୀଳ ଭାରତ' ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶି ଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବି.ଏସସି (ଫିଜିକ୍ସ) ଏମ.ବି.ଏ. ଏବଂ ମେକାନିକାଲ୍ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନକରି ନିଜ ମାଟିରେ ସୁନା ଫଳାଇବା ନିଶାରେ ଶ୍ରୀ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ଯଥା ଡ୍ରିପ୍ ଇରିଗେସନ୍ ଓ ମଲ୍ ?ଚିଂ ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଆସାମ ଓ ପଶ୍ଚିମବଙ୍ଗକୁ ପ୍ରଧାନମନ୍ତ୍ରୀଙ୍କ ପ୍ରକଳ୍ପ ଭେଟି

## ୬୯୫୦ କୋଟିର କାଜିରଙ୍ଗା ଏଲେଭେଟଡ୍ କରିଡର୍ ପ୍ରକଳ୍ପ

କୋଲ୍କାତା,ଗୁଆହାଟ, (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନିକିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ ହୁଗଳି ଜିଲ୍ଲାରେ ପହଞ୍ଚିଥିଲେ। ଏହି ଅବସରରେ ସେ ସିଙ୍ଗୁରରେ କେତେକ ପ୍ରମୁଖ ବିକାଶ ପରିଯୋଜନାର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇଟି ଜନସଭାକୁ ମଧ୍ୟ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ବିକଶିତ ଭାରତର ଲକ୍ଷ୍ୟକ ହାସଲ କରିବା ପାଇଁ ପୂର୍ବ-ଭାରତର ବିକାଶ ନିହାତି ଜରୁରୀ ଏବଂ କେନ୍ଦ୍ର ସରକାର ଏହି ଦିଗରେ ଲଗାତାର କାମ କରୁଛନ୍ତି। ପ୍ରଧାନମନ୍ତ୍ରୀ ରାଜ୍ୟର ମମତା ସରକାରକୁ ଟାର୍ଗେଟ୍ କରି କହିଛନ୍ତି, ଟିମ୍‌ଏମ୍‌ସି ବଙ୍ଗଳାବାସୀଙ୍କ ଉପରେ ପ୍ରତିଶୋଧ ନେଉଛି ଏବଂ କେନ୍ଦ୍ରର ଯୋଜନାଗୁଡ଼ିକୁ ଏଠାକାର ଲୋକଙ୍କ ପାଖରେ ପହଞ୍ଚିବାକୁ ଦେଉନାହିଁ।



ପ୍ରଧାନମନ୍ତ୍ରୀ କହିଥିଲେ, ଗତକାଲି ପଶ୍ଚିମବଙ୍ଗରୁ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଛି। ଏହା ସହିତ ରାଜ୍ୟକୁ ପ୍ରାୟ ଅଧା ଡଜନ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟ ମିଳିଛି। ଆଜି ଆହୁରି ତିନିଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ସବୁଜ ପତାକା ଦେଖାଯାଇଛି। ଏହା ମଧ୍ୟରୁ ଗୋଟିଏ ଟ୍ରେନ୍ ମୋ ସଂସଦୀୟ କ୍ଷେତ୍ର କାଶୀ (ବାରାଣସୀ) ଏବଂ ବେଙ୍ଗଲ ମଧ୍ୟରେ କନେକ୍ଟିଭିଟିକୁ ଆହୁରି ଶକ୍ତିଶାଳୀ କରିବ। ସେ କହିଛ୍ତି, ବାଲାଗଢ଼ରେ ହେବାକ ଥିବା ଏକ୍ସଟେଣ୍ଡେଡ୍ ପୋର୍ଟ ଗେଟ୍ ସିଷ୍ଟମ୍ ହୁଗଳି ଏବଂ ଆଖାପାଖ ଅଞ୍ଚଳ ପାଇଁ ନୂଆ ସୁଯୋଗର ରାସ୍ତା ଖୋଲିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଭାରତରେ ମଲ୍ଟି ମଡେଲ୍ କନେକ୍ଟିଭିଟି ଏବଂ ଗ୍ରୀନ୍ ମୋବିଲିଟି ଉପରେ ବିଶେଷ ଜୋର୍ ଦିଆଯାଉଛି। ନିର୍ବାଧ ପରିବହନ ସୁନିଶ୍ଚିତ କରିବା ପାଇଁ ବନ୍ଦର, ନଦୀ ଜଳମାର୍ଗ, ହାଇୱେ ଏବଂ ବିମାନ ବନ୍ଦରକୁ ସଂଯୋଗ କରାଯାଉଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଆସାମ ଗସ୍ତରେ ଯାଇ ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ସହିତ ଜନସଭାକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ଆଜି କାଲିଆବୋରଠାରେ ୬୯୫୦ କୋଟି ଟଙ୍କାର କାଜିରଙ୍ଗା ଏଲେଭେଟଡ୍ କରିଡର୍ ପ୍ରକଳ୍ପ (ଜାତୀୟ ରାଜପଥ-୭୧୫ର କାଲିଆବୋର-ନୁମାଲିଗଡ଼ ସେକ୍ସନର ୪-ଲେନକରଣ)ର ଭୂମିପୂଜା, ଲୋକପ୍ରିୟ ଗୋପୀନାଥ ବର୍ଦୋଲୋଇ ଅନ୍ତର୍ଜାତୀୟ ଏୟାରପୋର୍ଟର ନୂଆ ଟର୍ମିନାଲ୍ କୋଠା ଉଦ୍‌ଘାଟନ ଏବଂ ନାମରୁପଠାରେ ଆମୋନିଆ ୟୁରିଆ କଂପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## କଟକ ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,(ଜା.ପ୍ର): କଟକ ଆସିବେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍। ଜାନୁଆରୀ ୨୩ରେ କଟକ ଆସିବା ନେଇ ଉପରାଷ୍ଟ୍ରପତି ସହମତି ଦେଇଛନ୍ତି। ନେତାଜୀଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ସାମିଲ ହେବେ। ଏନେଇ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତିଙ୍କ ଆଗମନ ନେଇ ରାଜ୍ୟ ପ୍ରଶାସନ ଓ ସଂସ୍କୃତି ବିଭାଗ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ଡ.ହରିବାବୁ କମ୍ଭମପଟି ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ମଧ୍ୟ ଯୋଜନା ରହିଛି। ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିର ତଦାରଖ କରୁଛନ୍ତି। ପ୍ରକାଶ ଯେ କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଏଥର ନୂଆ ଗ୍ୟାଲେରୀର ଉଦ୍‌ଘାଟନ କରାଯିବ। ଏହି ଗ୍ୟାଲେରୀରେ ଡାକ ବିଭାଗ ପକ୍ଷରୁ ନେତାଜୀ, ଆଜାଦ ହିନ୍ଦ ଫୌଜ, ଆଇଏନଏ ସହିତ ଦେଶର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ପୋଷ୍ଟାଲ ଷ୍ଟାମ୍ପ ପ୍ରଦର୍ଶନ କରାଯିବ। ସେହିପରି ପୁରାତନ ପୋଷ୍ଟକାର୍ଡ, ଇନଲ୍ୟାଣ୍ଡ ଲେଟର ସହ ସ୍ୱାଧୀନତା ସଂଗ୍ରାମକୁ ନେଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଚିଠିକୁ ଏଥିରେ ସ୍ଥାନ ଦିଆଯିବ ବୋଲି ସଂଗ୍ରହଳୟ ଦାୟିତ୍ୱରେ ଥିବା ଜଳେନ୍ଦ୍ର ପ୍ରସାଦ ରାୟ ସୂଚନା ଦେଇଛନ୍ତି।

ଜାତୀୟ ଚେତନା
JATIYA CHETANA



# ଦୌଡ଼ିଲା ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍

## ଘଣ୍ଟା ପ୍ରତି ବେଗ ୧୮୦ କି.ମି, ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



କୋଲକାତା,(ସ୍ୱ.ପ୍ର): ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ତଥା ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପଶ୍ଚିମବଙ୍ଗର ମାଲଦାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶ ଉଦ୍ଦେଶ୍ୟରେ ଏହି ଅତ୍ୟାଧୁନିକ ଟ୍ରେନ୍ ଉତ୍ସର୍ଗ କରିଛନ୍ତି। ହାୱଡ଼ା ଏବଂ ଗୁଆହାଟୀ ମଧ୍ୟରେ ଚାଲିବାକୁ ଥିବା ଏହି ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଟ୍ରେନ୍ ଡ୍ରାଇଭରଙ୍କୁ ଭେଟି ଟ୍ରେନ୍‌ର ବୈଶିଷ୍ଟ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗର ମାଲଦା ଠାରେ ୩,୨୫୦ କୋଟିରୁ ଅଧିକ ମୂଲ୍ୟର ବହୁବିଧ ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମୋଦୀ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଭର୍ଚୁଆଲୀ ଚାରୋଟି ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ୍‌ଗୁଡ଼ିକ ଉତ୍ତର ବଙ୍ଗର ନ୍ୟୁ ଜଳପାଇଗୁଡ଼ି ଏବଂ ଆଲିପୁରଦୁଆରକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିବ। ଆଜିର ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି ଭି ଆନନ୍ଦ ବୋଷ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶାନ୍ତନୁ ଠାକୁର, ସୁକାନ୍ତ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ପରେ ମୋଦୀ ସମଗ୍ର ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, "ବନ୍ଦେ ଭାରତ ଟ୍ରେନ୍ ଲୋକଙ୍କ ଯାତ୍ରାକୁ ଆହୁରି ଆରାମଦାୟକ କରିବ। ଭାରତରେ ବିଦେଶୀ ଦେଶର ପରି ଟ୍ରେନ ଥାଆନ୍ତା' ସ୍ୱପ୍ନ ଆଜି ସାକାର ହେଉଛି। ବନ୍ଦେ ଭାରତ ଟ୍ରେନ ଭାରତୀୟଙ୍କ କଠିନ ପରିଶ୍ରମରେ ନିର୍ମିତ, ଭାରତରେ ନିର୍ମିତ। ଏହି ଟ୍ରେନ ମା କାଳୀଙ୍କ ଭୂମିକୁ ମା କାମାକ୍ଷାଙ୍କ ଭୂମି ସହିତ ସଂଯୋଗ କରେ।" ଏହି ଟ୍ରେନ୍ ହାୱଡ଼ା-ଗୁଆହାଟୀ ରୁଟ୍‌ରେ ଯାତ୍ରା ସମୟକୁ ପ୍ରାୟ ୨.୫ ଘଣ୍ଟା ହ୍ରାସ କରିବ। ବର୍ତ୍ତମାନ, ହାଓଡ଼ାରୁ ଗୁଆହାଟୀ ଟ୍ରେନରେ ଯାତ୍ରା କରିବାକୁ ପ୍ରାୟ ୧୮ ଘଣ୍ଟା ସମୟ ଲାଗେ। ତେବେ ଆଗାମୀ ସମୟରେ, ଏହି ଆଧୁନିକ ଟ୍ରେନ୍ ସମଗ୍ର ଦେଶରେ ବିସ୍ତାର ହେବ। ପ୍ରଧାନମନ୍ତ୍ରୀ ଆଜିର ଏହି ଆଧୁନିକ ସ୍ଲିପର ଟ୍ରେନ୍ ପାଇଁ ବଙ୍ଗ, ଆସାମ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ ଏଠାରେ ପ୍ରତିଷ୍ଠିତ ନୂତନ ରେଳ ରକ୍ଷଣାବେକ୍ଷଣ ସୁବିଧା ବଙ୍ଗର ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ। ମୋଦୀ କହିଛନ୍ତି, ଏକ ବିକଶିତ ଭାରତରେ ଟ୍ରେନଗୁଡ଼ିକ କିପରି ହେବା ଉଚିତ ତାହାର ଦୃଷ୍ଟିକୋଣ ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ସାମ୍ପ୍ରତିକ ଦିନରେ, ବିଦେଶୀ ପର୍ଯ୍ୟଟକମାନେ ଭାରତୀୟ ରେଳ କିପରି ବିପ୍ଲବ ଘଟୁଛି ତାହାର ଭିଡିଓ ପ୍ରସ୍ତୁତ କରୁଛନ୍ତି। ମୋଦୀ ନିଜ ଭାଷଣ ମାଧ୍ୟମରେ ଭାରତୀୟ ରେଳବାଇକୁ ବେଶ୍ ପ୍ରଶଂସା କରିଛନ୍ତି। ମୋଦୀ କହିଛନ୍ତି, 'ଭାରତୀୟ ରେଳବାଇ କେବଳ ଆଧୁନିକ ନୁହେଁ ବରଂ ଆତ୍ମନିର୍ଭରଶୀଳ ମଧ୍ୟ ହେଉଛି', ଭାରତର ରେଳ ଇଞ୍ଜିନ, କୋଚ୍ ଏବଂ ମେଟ୍ରୋ କୋଚ୍ ଭାରତର ପ୍ରଯୁକ୍ତିର ପ୍ରତୀକ ଭାବରେ ଉଭା ହେଉଛନ୍ତି। ଆଜି ଭାରତ ଆମେରିକା ଏବଂ ୟୁରୋପ ତୁଳନାରେ ଅଧିକ ଲୋକୋମୋଟିଭ୍ ନିର୍ମାଣ କରେ ଏବଂ ଅନେକ ଦେଶକୁ ଯାତ୍ରୀବାହୀ ଟ୍ରେନ୍ ଏବଂ ମେଟ୍ରୋ ଟ୍ରେନ୍ କୋଚ୍ ରପ୍ତାନି କରୁଛି, ଯାହା ଦେଶର ଅର୍ଥନୀତିକୁ ବହୁତ ଲାଭ ଦେଉଛି ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛି। ପ୍ରକାଶ, ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ବୈଶିଷ୍ଟ୍ୟତା ମଧ୍ୟରେ ଏହାର ଘଣ୍ଟା ପ୍ରତି ୧୮୦ କିମି ବେଗ ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ସାଜିଛି। ସେହିପରି ଏହି ଟ୍ରେନ୍ ପାଇଁ ଯାତ୍ରୀମାନଙ୍କୁ ୱେଟିଂ ଲିଷ୍ଟ କିମ୍ବା ଆରଏସି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଏହାର ଅର୍ଥ ଯାତ୍ରୀମାନଙ୍କୁ କନଫର୍ମ ଟିକେଟ୍ ହିଁ ମିଳିବ। ୧୬ କୋଚ୍ ଯୁକ୍ତ ଟ୍ରେନ୍‌ରେ ଏସି-୩, ଏସି-୨ ଓ ଏସି ଫାଷ୍ଟ କ୍ଲାସ୍ ଭଳି ତିନୋଟି ବର୍ଗର ସୁବିଧା ମିଳିପାରିବ। ପ୍ରାୟ ୮୨୩ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଏହି ଟ୍ରେନ୍‌ରେ ଯାତ୍ରୀମାନେ ଆରାମଦାୟକ ବର୍ଥ, ଅଟୋମେଟିକ୍ ଡୋର୍, କବଚ ସୁରକ୍ଷା ସିଷ୍ଟମ, ସିସିଟିଭି ଓ ସ୍ୱଚ୍ଛତା ଭଳି ସୁବିଧା ପାଇବେ।

# ସୁଯୋଗ ଅପେକ୍ଷାରେ ବାଂଲାଦେଶୀ ଆତଙ୍କବାଦୀ, ୨୬ ଜାନୁଆରୀ ପୂର୍ବରୁ କରିପାରନ୍ତି ଆକ୍ରମଣ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଭାରତରେ ଅନୁପ୍ରବେଶ କରିବା ପାଇଁ ଅନେକ ବାଂଲାଦେଶୀ ଆତଙ୍କବାସୀ ସୀମାନ୍ତ ଅଞ୍ଚଳରେ ସୁଯୋଗ ଅପେକ୍ଷାରେ ଅଛନ୍ତି। ଏମାନେ ଜାନୁଆରୀ ୨୬ ପୂର୍ବରୁ ଭାରତରେ କିଛି ବଡ଼ ଧରଣର ଆତଙ୍କୀ କାର୍ଯ୍ୟକଳାପ ଘଟାଇବାକୁ ଯୋଜନା କରିଛନ୍ତି। ଭାରତରେ ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ ପାଳନ ହେବାକୁ ଥିବା ବେଳେ ଏପ୍ରକାର ଏକ ଗୁଇନ୍ଦା ରିପୋର୍ଟ ସାମ୍ନାକୁ ଆସିଛି। ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ଏବଂ ବାଂଲାଦେଶ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀ ଦିଲ୍ଲୀ ସମେତ ଦେଶର ପ୍ରମୁଖ ସହରଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିପାରନ୍ତି ବୋଲି ଗୁଇନ୍ଦା ବିଭାଗ ସତର୍କ କରିଛି। ଅନ୍ୟପକ୍ଷେ ଏପ୍ରକାର ରିପୋର୍ଟ ସାମ୍ନାକୁ ଆସିବା ପରେ ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଏକ ବଡ଼ ସତର୍କତା ଜାରି କରିଛନ୍ତି।

ଗୁଇନ୍ଦା ସତର୍କତା ଅନୁଯାୟୀ, ପଞ୍ଜାବର ଗ୍ୟାଙ୍ଗଷ୍ଟରମାନେ ବିଦେଶରେ କାର୍ଯ୍ୟ କରୁଥିବା ଖଲିସ୍ତାନୀ ଏବଂ ମୌଳବାଦୀ ହ୍ୟାଣ୍ଡଲରଙ୍କ ପାଇଁ ଫୁଟ୍ ସୋଲ୍‌ଜର ଭାବରେ କାର୍ଯ୍ୟ କରୁଛନ୍ତି। ଏହି ହ୍ୟାଣ୍ଡଲରମାନେ ସେମାନଙ୍କର ଏଜେଣ୍ଡାକୁ ଆଗକୁ ବଢାଇବା ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୁର୍ବଳ କରିବା ପାଇଁ ଅପରାଧିକ ନେଟୱାର୍କ ବ୍ୟବହାର କରୁଛନ୍ତି। କେବଳ ସେତିକି ନୁହେଁ ଏହି ଗ୍ୟାଙ୍ଗଷ୍ଟରମାନେ ହରିଆଣା, ଦିଲ୍ଲୀ-ଏନ୍‌ସିଆର, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ସକ୍ରିୟ ଅଛନ୍ତି ଏବଂ ଧୀରେ ଧୀରେ ଖଲିସ୍ତାନୀ ଆତଙ୍କବାଦୀ ଉପାଦାନଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି। ଏହି ଆତଙ୍କବାଦୀମାନେ ଲାଲକିଲ୍ଲା, ଆଇଏସ୍‌ବିଟି କାଶ୍ମୀର ଗେଟ୍, ଚାନ୍ଦନୀ ଚୌକ, ଖାରି ବାଓଲି, ସଦର ବଜାର ଏବଂ ମେଟ୍ରୋ ଷ୍ଟେଶନ ସମେତ ଆଉ କିଛି ପ୍ରମୁଖ ଅଞ୍ଚଳଗୁଡ଼ିକୁ ଟାର୍ଗେଟ୍ କରିଥିବାର ଆଶଙ୍କା ଥିବାରୁ ଏସବୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି।

# ଇରାନ୍ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ତେହରାନ୍,(ସ୍ୱ.ପ୍ର): ଆମେରିକା ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଧମକ ଦିଆଯିବା ପରେ ପରେ ଭାରତ ପକ୍ଷରୁ ସେଠାରେ ରହୁଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଜାରି କରାଯାଇଛି। ଭାରତ ସରକାର ତୁରନ୍ତ ଇରାନ୍ ଛାଡିବାକୁ ପ୍ରବାସୀ ଭାରତୀୟ ନାଗରିକଙ୍କୁ କହିଛନ୍ତି। ଗୋଟିଏ ପଟେ ଇରାନ୍‌ରେ ବଢୁଥିବା ହିଂସକ ପ୍ରତିବାଦ ତଥା ବିକ୍ଷୋଭ ସାଙ୍ଗକୁ ଅନ୍ୟପଟେ ଆମେରିକା ପକ୍ଷରୁ ଇରାନ୍ ଉପରେ କୌଣସି ମୁହୂର୍ତ୍ତରେ ମଧ୍ୟ ଆକ୍ରମଣ ଆଶଙ୍କା କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇତି ମଧ୍ୟରେ ଏକାଧିକ ଥର ଇରାନ୍ ଉପରେ ଆକ୍ରମଣ କରିବାକୁ ଧମକ ଦେଇସାରିଲେଣି। ଏପ୍ରକାର ସ୍ଥିତିରେ ଇରାନ୍‌ରେ ରହିବା ଉଚିତ୍ ନୁହେଁ ବୋଲି କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ଦର୍ଶାଇଛି।

ଇରାନ୍‌ରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସେଠାରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଦେଶ ଛାଡିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବର୍ତ୍ତମାନ ସମୟରେ ଇରାନ୍ ଯିବା ଆଭିମୁଖ୍ୟରୁ ମଧ୍ୟ ଦୂରେଇ ରହିବାକୁ ମଧ୍ୟ କୁହାଯାଇଛି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି ଯେ ସେମାନେ ଇରାନ ଛାଡିବା ପାଇଁ ଯେକୌଣସି ଉପାୟ ବ୍ୟବହାର କରିପାରିବେ। ଅନ୍ୟପକ୍ଷେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ତେହେରାନରେ ଥିବା ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି ଯେ ଇରାନରେ ଉପସ୍ଥିତ ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନେ ଯଥାଶୀଘ୍ର ବିମାନ କିମ୍ବା ଅନ୍ୟ ଉପାୟରେ ଚାଲିଯିବା ଉଚିତ୍। ଏତଦ୍‌ବ୍ୟତୀତ ଦୂତାବାସ ନାଗରିକମାନଙ୍କୁ ପ୍ରଦର୍ଶନ କିମ୍ବା ଭିଡ଼ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଭାରତୀୟ ଦୂତାବାସ ମଧ୍ୟ ସଙ୍କଟରେ ଥିବା ଭାରତୀୟମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଅନେକ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରିଛି।

# ଚୀନ୍‌ରେ ନୋରୋ ଭୂତାଣୁ ଆତଙ୍କ, ୧୦୦ରୁ ଅଧିକ ଛାତ୍ରଛାତ୍ରୀ ସଂକ୍ରମିତ

ବେଜିଂ,(ସ୍ୱ.ପ୍ର): ଚୀନ୍‌ରେ ଏବେ ଏକ ଭୟଙ୍କର ତଥା ପ୍ରାଣଘାତୀ ଭୂତାଣୁର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଛି। ବିଶ୍ୱର ଅନେକ ଅଗ୍ରଣୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଚୀନ୍‌ରେ ଏବେ 'ନୋରୋ' ନାମକ ଭୂତାଣୁଜନିତ ସଂକ୍ରମଣ ଠାବ କରାଯାଇଛି। ଏହି ଭୂତାଣୁ କରୋନା ବା କୋଭିଡ୍-୧୯ ତୁଳନାରେ ମଧ୍ୟ ଦ୍ରୁତ ଗତିରେ ସଂକ୍ରମିତ ହେଉଥିବାର ଦେଖିବାକୁ ମିଳିଛି। ଚୀନ୍‌ର ଏକ ସ୍କୁଲରେ ପ୍ରାୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏକ ଅଜଣା ଭୂତାଣୁ ଦ୍ୱାରା ସଂକ୍ରମିତ ହେବା ପରେ ସେମାନଙ୍କ ପରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟରେ ଏସମସ୍ତ ଛାତ୍ରଛାତ୍ରୀଙ୍କ ଠାରେ 'ନୋରୋ' ଭୂତାଣୁ ଠାବ କରାଯାଇଛି। ଦକ୍ଷିଣ ଚୀନ୍‌ର ଗୁଆଙ୍ଗଡୋଙ୍ଗ ପ୍ରଦେଶର ଫୋସାନ ସହରର ଏକ ସିନିୟର ହାଇସ୍କୁଲର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟ ନୋରୋ ଭୂତାଣୁ ପଜିଟିଭ୍ ଆସିଛି। ଶନିବାର ଏସମ୍ପର୍କୀତ ସୂଚନା ପ୍ରସାରିତ ହେବା ପରେ ପରେ ଚୀନ୍‌ର ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ, କୌଣସି ମାମଲା ଗୁରୁତର ନୁହେଁ। ଏନେଇ କୌଣସି ମୃତ୍ୟୁ ରିପୋର୍ଟ ହୋଇନାହିଁ। ସେହିପରି ଚୀନ୍ ପ୍ରଶାସନ ମଧ୍ୟ କହିଛି ଯେ, ପରିସ୍ଥିତି ଉପରେ ନଜର ରଖାଯାଇଛି। ଅନ୍ୟପକ୍ଷେ ସଂକ୍ରମିତ ଛାତ୍ରଛାତ୍ରୀଙ୍କ ଠାରେ ପାକସ୍ଥଳୀ ସଂକ୍ରମଣ, ବାନ୍ତି, ଡାଇରିଆ ଭଳି ଲକ୍ଷଣ ଦେଖିବାକୁ ମିଳିଛି ବୋଲି ଡାକ୍ତରୀ ସୂତ୍ରରୁ ଜଣାପଡିଛି। ତେବେ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଥିଲେ ମଧ୍ୟ ସେମାନଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇନାହିଁ। ଗୁଆଙ୍ଗଡୋଙ୍ଗ ପ୍ରାଦେଶିକ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ଏଠାରେ ନୋରୋଭାଇରସ୍ ପ୍ରଭାବ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିଥାଏ। ପ୍ରତିବର୍ଷ, ସାରା ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋ ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୫ ବର୍ଷରୁ କମ୍ ବୟସର ଅଧିକାଂଶ ପିଲାମାନେ ହିଁ ରହିଥାନ୍ତି। ଏହି ଭୂତାଣୁ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦୦,୦୦୦ ମୃତ୍ୟୁ ହୋଇଥାଏ। ନୋରୋ ଭାଇରସର ପ୍ରଥମ ମାମଲା ୧୯୬୮ ମସିହାରେ ଆମେରିକାର ଓହାଇଓର ନରୱାକ୍‌ରେ ରିପୋର୍ଟ ହୋଇଥିଲା।

# ମହାରାଷ୍ଟ୍ର ମହାନଗର ନିଗମ ଫଳାଫଳ: ୨୯ରୁ ୨୩ ପୌରନିଗମ ହାତେଇଲା ମହାୟୁତି

ମୁମ୍ବାଇ,(ସ୍ୱ.ପ୍ର): ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି। ମୋଟ୍ ୨୯ଟି ନଗର ନିଗମ ମଧ୍ୟରୁ ୨୩ଟିରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ବିଜୟୀ ହୋଇଛି। ସେହିପରି ସବୁଠୁ ଚର୍ଚ୍ଚିତ ମୁମ୍ବାଇ ମହାନଗର ନିଗମରେ ମଧ୍ୟ ମୋଟ୍ ୨୨୭ଟି ଆସନରୁ ୧୧୮ଟି ଆସନକୁ ଜିତିବାରେ ସଫଳ ହୋଇଛି ମହାୟୁତି ମେଣ୍ଟ। ତେବେ ଏସବୁ ମଧ୍ୟରେ ଠାକ୍‌ରେ ବ୍ରଦର୍ସଙ୍କୁ ଶକ୍ତ ଝଟ୍‌କା ଲାଗିଛି। କାରଣ ଗୋଟିଏ ପଟେ ପୌର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ଉଦ୍ଧବ୍ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ହାତ ମିଳାଇଥିଲେ ମଧ୍ୟ ସେମାନଙ୍କ ଏହି ଷ୍ଟ୍ରାଟେଜୀ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ରୋକିବାରେ ବିଫଳ ହୋଇଛି। ଏତଦ୍‌ବ୍ୟତୀତ ଉଦ୍ଧବ ଠାକ୍‌ରେଙ୍କ ପାଇଁ ସବୁଠୁ ବଡ଼ ଦୁଃଖ ସାଜିଛି ମୁମ୍ବାଇ ମହାନଗର ନିଗମ ଉପରୁ କର୍ତ୍ତୃତ୍ୱ ହରାଇବା। ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉଦ୍ଧବ ଠାକ୍‌ରେଙ୍କ ଦଳ ଶିବସେନା (ୟୁବିଟି) ଦଖଲରେ ଥିବା ମୁମ୍ବାଇ ନଗରପାଳିକା ଏବେ ହାତଛଡା ହୋଇଛି। ବିଜେପି ନେତୃତ୍ୱାଧୀନ ମେଣ୍ଟ ଏଠାରେ କ୍ଲିନ୍ ସୁଇପ୍ କରିଛି।

ରିପୋର୍ଟ ଅନୁସାରେ ବିଜେପି ଏବଂ ସହଯୋଗୀ ଦଳ ଶିବସେନା (ଶିନ୍ଦେ ଗୋଷ୍ଠୀ) ମୁମ୍ବାଇ ମହାନଗର ନିଗମର ମୋଟ୍ ୨୨୭ ଆସନ ମଧ୍ୟରୁ ୧୧୮ ଆସନ ଜିତିଛନ୍ତି। ଯେତେବେଳେ କି ଏଠାରେ ବହୁମତ ପାଇଁ ୧୧୪ ଆସନର ଆବଶ୍ୟକତା ରହିଥିଲା। ବିଜେପି ମୋଟ୍ ୯୦ ଆସନକୁ ନିଜ ଅକ୍ତିଆରକୁ ନେବାରେ ସଫଳ ହୋଇଥିବା ଶିବସେନା (ଶିନ୍ଦେ ଗୋଷ୍ଠୀ) ୨୮ ଆସନ ଜିତିଛି। ଅନ୍ୟପକ୍ଷେ ୟୁବିଟି ଏବଂ ଏମ୍‌ଏନ୍‌ଏସ୍ ମିଳିତ ଭାବେ ଏଠାରେ ୭୦ ଆସନ ହାତେଇଛନ୍ତି। କଂଗ୍ରେସକୁ ଏଠାରେ ୧୨ଟି ଆସନ ମିଳିଛି। ତେବେ ଲଟେରୀ ଦ୍ୱାରା ମୁମ୍ବାଇ ମେୟର ନିର୍ଣ୍ଣୟ କରାଯିବ ବୋଲି ସୂଚନା ମିଳିଛି। ଉଦାହରଣ ସ୍ୱରୂପ, ଆସନଟି ମହିଳା, ଓବିସି, ଏସସି ପାଇଁ ସଂରକ୍ଷିତ ରହିବ କି ଖୋଲା ରହିବ ତାହା ନିର୍ବାଚନ କମିଶନ ଏକ ଲଟେରୀ ସିଷ୍ଟମ ମାଧ୍ୟମରେ ନିର୍ଣ୍ଣୟ କରିବେ। ସେହିପରି ମହାରାଷ୍ଟ୍ର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ମହାନଗର ନିଗମ ଯେପରିକି ପୁଣେ, ଥାଣେ, ନାଗପୁର ଏବଂ ନାସିକ୍‌ରେ ମଧ୍ୟ ବିଜେପି ମେଣ୍ଟକୁ ବହୁମତ ମିଳିଛି। ପୁଣେରେ ମୋଟ୍ ୧୬୫ ଆସନ ଥିବା ବେଳେ ବହୁମତ ପାଇଁ ୮୩ ଆସନର ଆବଶ୍ୟକତା ଥିଲା। କିନ୍ତୁ ବିଜେପି ମେଣ୍ଟକୁ ଏଠାରେ ୯୦ ଆସନ ମିଳିଛି। ସେହିପରି ଥାଣେର ମୋଟ୍ ୧୩୧ ଆସନରେ ବହୁମତ ପାଇଁ ୬୬ ଆସନର ଆବଶ୍ୟକତା ଥିବା ବିଜେପି ମେଣ୍ଟ ଏଠାରେ ୪୯ ଆସନ ଜିତିଛି। ୧୫୧ ଆସନ ବିଶିଷ୍ଟ ନାଗପୁର ପୌରନିଗମରେ ମଧ୍ୟ ବିଜେପି ମେଣ୍ଟ ୧୧୩ ଆସନ ଜିତିଛି, ଯେତେବେଳେକି କଂଗ୍ରେସ ଏଠାରେ ୩୦ ଆସନ ହାତେଇବାରେ ସଫଳ ହୋଇଛି। ନାସିକ୍‌ରେ ମଧ୍ୟ ୧୨୨ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ବିଜେପି ଏକାକୀ ଏଠାରେ ୫୦ ଆସନ ଜିତିବାରେ ସଫଳ ହୋଇଛି। ମୁମ୍ବାଇର ୧୭୦୦ ପ୍ରାର୍ଥୀଙ୍କ ସମେତ ୧୫,୯୩୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବାକୁ ସମୁଦାୟ ୩.୪୮ କୋଟି ଯୋଗ୍ୟ ଭୋଟର ଥିଲେ।

ଜାତୀୟ ଚେତନା
JATIYA CHETANA



# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ପେନ୍‌ସନ୍ ଦିଅ

ଭୁବନେଶ୍ୱର,(ଜା.ପ୍ର): ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏ ନେଇ ମାମଲାର ପ୍ରତିପକ୍ଷ ଅଶୋକ କୁମାର ପଟ୍ଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରିଥିବାରୁ 'ଓଡ଼ିଶା ପୂର୍ଣ୍ଣ ଅବସରପ୍ରାପ୍ତ ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ ସଂଘ' ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛି। ପ୍ରକାଶ ଯୋଗ୍ୟ ଯେ, ଅବସରପ୍ରାପ୍ତ ୱାର୍କଚାର୍ଜଡ଼ କର୍ମଚାରୀ ଅଶୋକ ପଟ୍ଟନାୟକ ଚାକିରିରୁ ଅବସର ନେବା ପରେ ୨୦୨୪ ମସିହା ମଇ ମାସରେ ପେନ୍‌ସନ୍ ପାଇବା ପାଇଁ ଓଡ଼ିଶା ହାଇକୋର୍ଟରେ ମୋକଦ୍ଦମା ରୁଜୁ କରିଥିଲେ। ଜଣିକିଆ ଖଣ୍ଡପୀଠ ମାମଲାକୁ ବିଚାର କରି ପେନସନ ପାଇବା ସପକ୍ଷରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୁଦ୍ଧରେ ରାଜ୍ୟ ସରକାର ରିଟ୍ ଅପିଲ କରିଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତି ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ବିଚାରପତି ଚିତ୍ତରଂଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ରିଟ ଅପିଲକୁ ଶୁଣାଣି କରି ଖାରଜ କରି ଦେଇଛନ୍ତି। ସାମ୍ବିଧାନିକ ମୌଳିକ ଅଧିକାରକୁ ଅଗ୍ରାଧିକାର ଦେଇ ୩୦ରୁ ୪୦ ବର୍ଷ ସେବା ଦାନ କରିଥିବା କର୍ମଚାରୀଙ୍କୁ ସରକାର ୧୯୯୨ ପେନସନ ନିୟମ ଅନୁସାରେ ପେନସନ ପ୍ରଦାନ କରନ୍ତୁ ଓ ଅଯଥା ମାମଲା ରୁଜୁ କରାନଯାଉ ବୋଲି ଖଣ୍ଡପୀଠ ପ୍ରକାଶ୍ୟ ରାୟରେ ଉଲ୍ଲେଖ କରିଛି। ଆଉ ମଧ ବହୁ କର୍ମଚାରୀ ଅବସରସର ଗ୍ରହଣ କରିଥିଲେ ମଧ ସରକାର କ'ଣ ପାଇଁ ପେନ୍‌ସନ୍ ଦେଉନାହାନ୍ତି ଓ ତାହା ବୁଝାପଡୁନି ବୋଲି ରାୟରେ ଉଲ୍ଲେଖ ରହିଛି। ସରକାର ଏହି ମାମଲାକୁ ଗ୍ରହଣ କରି ଓ ଅଧିକ ମାମଲା ନ ବଢ଼ାଇ ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଦେବା ସପକ୍ଷରେ ନିଷ୍ପତ୍ତି ନିଅନ୍ତୁ ବୋଲି ସଂଘ ସଭାପତି ଅରୁଣ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବଙ୍କ ସହ ହୋଇଥିବା ଆଲୋଚନାକୁ ପୂର୍ବ ସଚିବ ଗୁରୁତ୍ୱ ଦେଇ ୧୯୭୨ ପି. ଜି ଆକ୍ଟ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉ। ହାଇକୋର୍ଟଙ୍କ ରାୟକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଚଳିତମାସ ୧୬ ତାରିଖରେ ହେବାକୁ ଥିବା ଆଲୋଚନାରେ ଏହାକୁ ମୁଖ୍ୟ ପ୍ରସଙ୍ଗ ଭାବେ ବିବେଚନା କରି ମୁଖ୍ୟମନ୍ତ୍ରୀ ପେନସନ ପ୍ରଦାନ ସପକ୍ଷରେ ନିଷ୍ପତି ନିଅନ୍ତୁ ବୋଲି ପୂର୍ବ ସଂଗଠନ ଅନୁରୋଧ କରିଛି।

# ୨୨ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ୨୨ ତାରିଖରେ ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କୁ ଏହି ଟଙ୍କା ଦିଆଯିବ। ସୋସିଆଲ ମିଡିଆ 'ଏକ୍ସ'ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ପୂର୍ବରୁ ସୁଭଦ୍ରା ଟଙ୍କା ଜାନୁଆରୀ ୧୮ ସୁଦ୍ଧା ଦେବାକୁ ଘୋଷଣା ହୋଇଥିଲା। ପ୍ରକାଶ ଯେ ୪ ଲକ୍ଷ ୫୭ ହଜାର ୬୮୧ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦିଆଯିବା ନେଇ ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ନୂଆ ୧ ଲକ୍ଷ ୭୮ ହଜାର ୩୯୮ ଜଣଙ୍କୁ ସାମିଲ କରାଯାଇଥିବାରୁ ସେମାନେ ପାଇବେ ପ୍ରଥମ କିସ୍ତି। ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ମଧ ସାମିଲ କରାଯାଇଛି। ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଛି। ୨୫୦ କୋଟି ଟଙ୍କାର ସହାୟତା ରାଶି ଖାତାକୁ ଯିବ ବୋଲି ପୂର୍ବରୁ କହିଥିଲେ ଉପମୁଖ୍ୟମନ୍ତ୍ରୀ। ଏବେ କେବଳ ଟଙ୍କା ମିଳିବା ତାରିଖ ୪ ଦିନ ଘୁଞ୍ଚିଛି।

# ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଉନ୍ମୋଚିତ



ଭୁବନେଶ୍ୱର,(ଜା.ପ୍ର): ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ, 'ସନ୍ଦେହର ସଳିତା' ଉପନ୍ୟାସଟି ସାଧାରଣ ଓ ସାବଲୀଳ ଭାଷାରେ ଲେଖାଯାଇଛି। ସାଧାରଣ ପାରିବାରିକ ଜୀବନର ଘଟଣାବଳୀକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରାଯିବା ସହ ଭାଗ ଭାଗ ହୋଇ ଲେଖାଯାଇଥିବାରୁ ପାଠକଙ୍କୁ ଛୁଇଁପାରିବ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯୁବପିଢ଼ି ଏପରି ଉପନ୍ୟାସ ରଚନା କରିବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ। ଅନ୍ୟ ଅତିଥିମାନେ ଉନ୍ମୋଚିତ ଉପନ୍ୟାସ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଭୁବନେଶ୍ୱରୀ ପଣ୍ଡାଙ୍କର ପୂର୍ବରୁ ପାଞ୍ଚଟି ଗଳ୍ପ ପୁସ୍ତକ ପ୍ରକାଶ ପାଇସାରିଛି। ସେଗୁଡ଼ିକ ହେଲା, ଜୀବନର ବାଟେଘାଟେ, ଜୀବନର ଚଉହଦି, ଏମିତି ଏ ଜୀବନ, ଜୀବନ କହୁଛି ଗପ ଓ ସିନ୍ଦୂର। ଆଜି ଉନ୍ମୋଚିତ ହୋଇଥିବା 'ସନ୍ଦେହର ସଳିତା' ତାଙ୍କର ପ୍ରଥମ ଉପନ୍ୟାସ। ଟାଇମ୍ ପାସ୍ ପକ୍ଷରୁ ଏହାକୁ ପ୍ରକାଶ କରାଯାଇଛି।

# ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର




ଭୁବନେଶ୍ୱର,(ଜା.ପ୍ର): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଦ୍ୱିତୀୟ ଦିବସ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଡ. ପଙ୍କଜ ବାରିକ୍ ଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ମାନେ ବିଦ୍ୟାଳୟ ପରିସରର ସଫେଇ କରିବା ସହ ଢେଙ୍କାନାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୋଷ୍ୟ ଗ୍ରାମ ବୋରାପଦାରେ ମଧ ସଫେଇ କାର୍ଯ୍ୟକ୍ରମ ଅତି ଆଗ୍ରହର ସହ କରିଥିଲେ। ଉକ୍ତ ଗ୍ରାମରେ ସମାଜ ସଚେତନତା ଉଦ୍ଦେଶ୍ୟରେ ଶିଶୁ ଶ୍ରମିକ ପ୍ରଥା ଏବଂ ଶିଶୁ ବିବାହ ରୋକିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଛାତ୍ରୀ ମାନଙ୍କ ଦ୍ୱାରା ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା ଏବଂ ଅଙ୍ଗନୱାଡ଼ି ଓ ସ୍କୁଲ ପିଲା ମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଡ.ବିଭୁତି ଭୂଷଣ ଶତପଥୀ (ଇତିହାସ ବିଭାଗ - ଢେଙ୍କାନାଳ ମହିଳା ମହାବିଦ୍ୟାଳୟ) ସ୍ୱେଚ୍ଛାସେବୀ ମାନଙ୍କୁ ଢେଙ୍କାନାଳ ଜିଲ୍ଲାର ସାଂସ୍କୃତିକ ଐତିହ୍ୟ ସ୍ଥାୟୀ ପର୍ଯ୍ୟଟନ ଓ ଆର୍ଥିକ ବିକାଶ ଦିଗରେ ଅତ୍ୟନ୍ତ ଉପଯୋଗୀ ଶିକ୍ଷା ପ୍ରଦାନ କରିଥିଲେ। ସେହିଭଳି ଭାବରେ ଡ.ସିଦ୍ଧାର୍ଥ ଶଙ୍କର ରାମ (ଉଦ୍ଭିଦ ବିଜ୍ଞାନ ବିଭାଗ - ଢେଙ୍କାନାଳ ମହିଳା ମହାବିଦ୍ୟାଳୟ) ସ୍ୱେଚ୍ଛାସେବୀ ମାନଙ୍କୁ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ ସମ୍ପର୍କିତ ମୂଲ୍ୟବାନ ଶିକ୍ଷା ପ୍ରଦାନ କରିଥିଲେ। ପରିଶେଷରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ମୂଳକ ଏବଂ ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ କରାଯାଇ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

# ଉପାନ୍ତ ଖବରର ପଞ୍ଚମ ବାର୍ଷିକ ଉତ୍ସବ




ବ୍ରହ୍ମପୁର,(ଜା.ପ୍ର): ବ୍ରହ୍ମପୁର ସହିଦ୍ ଲକ୍ଷ୍ମଣ ନାୟକ ଅଡିଟୋରିଅମ ସଭାଗୃହରେ ଉପାନ୍ତ ଖବର ପାକ୍ଷିକ ପତ୍ରିକା ଏବଂ ୱେବ୍‌ଚାନେଲର ପଞ୍ଚମ ବାର୍ଷିକ ଉତ୍ସବ ମହାଡ଼ମ୍ବରରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପତ୍ରିକାର ସମ୍ପାଦକ ଗଣେଶ ବିଶୋଇଙ୍କ ଅଧକ୍ଷତାରେ ମୁଖ୍ୟଅତିଥିଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥିଭାବେ ଉପାନ୍ତ ଖବର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ସାହୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଅଖିଳ ଭାରତୀୟ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ରବି ରଥ, ମୋହନା ବ୍ଲକ ଉନ୍ନୟନ ଅଧିକାରୀ ରାଜୀବ ଦାସ, ଗଜପତି ପୂର୍ବତନ ବିଜେଡି ସଭାପତି ଜଗବନ୍ଧୁ ଦାଶ, ଜଳସେଚନ ବିଭାଗ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ନଗେନ୍ଦ୍ରନାଥ ମହାରଣା, ଗଜପତି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ବିଶିଷ୍ଟ ପରିବେଷବିତ ତଥା ସମାଜସେବୀ ଶୋଭାକର ବେହେରା। ମୋହନା ପୂର୍ବତନ ବ୍ଲକ ଅଧକ୍ଷ ପ୍ରଶାନ୍ତ ମଲ୍ଲିକ,ଉପାନ୍ତ ଖବରର ଉପଦେଷ୍ଟା ଲମ୍ବୋଦର ସାହୁ, ବିଶିଷ୍ଟ ସମାଜସେବୀ ଓ ସାମ୍ବାଦିକ ପରମେଶ୍ୱର ଦାଶ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ, ସମାଜସେବୀ ତଥା ଶିଳ୍ପପତି ଦୀପକ କୁମାର ଜେନା, ସମାଜସେବୀ ତଥା ମୋହନା ଛାତ୍ରନେତା ଦଣ୍ଡାସି ସାହୁ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭଶ୍ରୀ ସାବତ ମଞ୍ଚାସୀନ ହୋଇ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମୃତ୍ୟୁବରଣ କରିଥିବା ରାୟଗଡା ସାମ୍ବାଦିକ ଆଶୁତୋଷ ପଟ୍ଟନାୟକଙ୍କ ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଅତିଥି ନିଜ ନିଜର ଅଭିଭାଷଣ ରେ ପ୍ରକାଶ କରିଥିଲେ ଯେ ଯେତେବେଳେ ପୁରୁଣା ଖବର କାଗଜ ହେଉ କି ଇଲେକ୍ଟ୍ରୋନିକ୍ସ ମିଡ଼ିଆ ହେଉ ବନ୍ଦ ହେବାକୁ ଯାଉଥିବା ବେଳେ ଉପାନ୍ତ ଖବର ମାତ୍ର ପାଞ୍ଚବର୍ଷର ଶିଶୁଟିଏ ହୋଇ ଆଗକୁ ବଢ଼ିବାରେ ଚାଲିଛି। ତେଣୁ ଉପାନ୍ତ ଖବର ଆଗକୁ ବଢ଼ିବାରେ ପୂର୍ଣ୍ଣ ସହଯୋଗ କରିବୁ। ପରେ ପରେ ଉପାନ୍ତ ଖବରର ସମସ୍ତ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯିବା ସହିତ ପୁରୀ ସାମ୍ବାଦିକ ରମେଶ ସାହୁଙ୍କର ହୃଦରୋଗ ଚିକିତ୍ସା ଚାଲିଥିବାରୁ ତାଙ୍କୁ ଚାନେଲ ପକ୍ଷରୁ ଆର୍ଥିକରାଶି ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା। ଏହାପରେ ଓଡିଶା ର ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ଗାଳ୍ପିକ, ଲେଖକ, କବି ଓ ନୃତ୍ୟଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେପରେ ଉପାନ୍ତ ଖବରର ପାକ୍ଷିକ ପତ୍ରିକାର ଉନ୍ମୋଚନ ସହିତ ପଞ୍ଚମ ବାର୍ଷିକ ପୂର୍ତ୍ତି ପାଳନ ନିମନ୍ତେ କେକ୍ କଟାଯାଇଥିଲା। ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କଂଗ୍ରେସକୁ କଟାକ୍ଷ କଲେ ମୋଦୀ

## 'ଯେଉଁଠି ସୃଷ୍ଟି ହୋଇଥିଲା, ସେଇଠି ଏବେ ୫ ନମ୍ବରକୁ ଖସିଗଲା'

ଗୌହାଟୀ,(ଏଜେନ୍ସି): କଂଗ୍ରେସକୁ କଟାକ୍ଷ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆସାମ ଗସ୍ତରେ ଉଠାଇଲେ ମୁମ୍ବାଇ ନଗର ନିଗମ ନିର୍ବାଚନ କଥା। କଂଗ୍ରେସର ଅବସ୍ଥାକୁ ନେଇ ତାଚ୍ଛଲ୍ୟ ମଧ କଲେ। ଆସାମ ଗସ୍ତରେ ମୋଦୀ ସର୍ବ ପୁରାତନ ରାଜନୈତିକ ଦଳ ଉପରେ ବର୍ଷିଛନ୍ତି। କିପରି ଆସାମର ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିବାରେ କଂଗ୍ରେସ ବିଫଳ ହୋଇଥିଲା ତାହା ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

କାଲିଆବୋରରେ ଆୟୋଜିତ ଏକ ଜନ ସମାଗମରେ ଉଦବୋଧନ ଦେଇ ମୋଦୀ କହିଛନ୍ତି ଯେ, ଆସାମ ଦୀର୍ଘ ଦିନ ହେବ ନିଜ ସଂସ୍କୃତିକୁ ରକ୍ଷା କରିବାରେ ବିଫଳ ହେଉଥିଲା। ଅନେକ ହିଂସାକାଣ୍ଡ ଘଟୁଥିଲା। ରାଜ୍ୟରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେଉଥିଲା। ସରକାର ଗଠନ ସହ ନିର୍ବାଚନରେ ଜିତିବା ପାଇଁ କଂଗ୍ରେସ ଆସାମକୁ ହିଂସାକାରୀଙ୍କୁ ଦାନ କରିଦେଇଥିଲା। ଏବେ ବିଜେପି ସରକାର ଆସାମରେ ରହିଛି। ସରକାର ହିଂସା ସୃଷ୍ଟିକାରୀଙ୍କ ବିରୋଧରେ କଡା ଆକ୍ସନ ନେଉଛନ୍ତି। ଜଙ୍ଗଲ, ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିବା ପାଇଁ ବିଜେପି ସରକାର ସମସ୍ତ ପ୍ରୟାସ କରୁଛନ୍ତି। ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ଉତ୍ତରପୂର୍ବ ନୂଆଦିଲ୍ଲୀରୁ ଅଲଗା ହୋଇନାହିଁ। ଉତ୍ତରପୂର୍ବର ନାଗରିକ ହୃଦୟରେ ରହିଛନ୍ତି। ଦେଶର ବିକାଶରେ ଆସାମ ଅନେକ ଯୋଗଦାନ ଦେଉଛି। ଲଗାତାର ଭାବେ ଭୋଟର କଂଗ୍ରେସର ରାଜନୀତିକୁ ପ୍ରତ୍ୟାଖାନ କରୁଛନ୍ତି। କଂଗ୍ରେସ ୧୮୮୫ରେ ମୁମ୍ବାଇରେ ସୃଷ୍ଟି ହୋଇଥିଲା। ଏବେ ଏଠାରେ ଦଳ ଶେଷ ହେବାକୁ ବସିଲାଣି। ଲୋକଙ୍କର ଆଉ ଭରସା ନାହିଁ। ମୁମ୍ବାଇ ନିର୍ବାଚନରେ ଦଳ ଚତୁର୍ଥ କିମ୍ବା ପଞ୍ଚମ ସ୍ଥାନରେ ରହିଛି। ମହାରାଷ୍ଟ୍ରରେ ବର୍ଷ ବର୍ଷ ଧରି କଂଗ୍ରେସ ସରକାରରେ ଥିଲା। ଏବେ ଅସ୍ତିତ୍ୱ ଲୋପ ହେବାକୁ ବସିଲାଣି। ଆସାମରେ ଡବଲ ଇଞ୍ଜିନ ସରକାର ସଫଳ ହେଉଛି। କଂଗ୍ରେସ କରିଥିବା ପାପକୁ ବିଜେପି ସରକାର ସଫା କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ

ଅଦ୍ଭୁତ ଏ ଦୁନିଆ ଓ ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ ଓ ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ ଓ ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର , ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦି ଆୟ ଭଲ, ତେବେ ଏହି ଅଭାବ କାହିଁକି ?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚ ମଧ୍ୟ ବଢ଼ିଚାଲେ ଓ ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ ଓ ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ ଓ ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ ଓ ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତୃତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ।

ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ ଓ ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ। ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ। ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ। ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ରୁଗ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

# ମାଆ, ମାଟି ଓ ମାଉସୀ

ଭାସ୍କର ବାରିକ



ଇଂରାଜୀ ନବବର୍ଷ ଆସିବାର ଅନେକ ଆଗରୁ ବିଭିନ୍ନ ପ୍ରସ୍ତୁତି ପର୍ବ ନୂତନ ଇଂରାଜୀ ବର୍ଷକୁ ସ୍ୱାଗତ ପାଇଁ। ବିଭିନ୍ନ ଜାଗାରେ ଚାଲେ ବଣଭୋଜିର ଆୟୋଜନ ସାଙ୍ଗସାଥୀ ବା ପରିବାର ସହିତ। ସମୟର ହିଡ ଡେଇଁ ଡେଇଁ ଶେଷରେ ଆସେ ବିଦାୟୀ ବର୍ଷର ଶେଷ ସନ୍ଧ୍ୟା। ଡିସେମ୍ବର ମାସର ଶେଷ ଦିବସର ସୂର୍ଯ୍ୟାସ୍ତ ପରେ, ଶେଷ ସନ୍ଧ୍ୟାର ଆଗମନ ପାଖରୁ ଆରମ୍ଭ ହୁଏ ଏକ ଭିନ୍ନ ପ୍ରକାରର ନାଚଗୀତ, ଭୋଜିଭାତ ସହିତ ମଦିରା ମାଉଁସ ଓ କେତେ ଆମୋଦପ୍ରମୋଦ। ଘଣ୍ଟାରେ ଠିକ୍ ରାତି ବାରଟା ବାଜିବା ପରେ ଆରମ୍ଭ ହୁଏ ଜିରୋ ନାଇଟ୍ ସେଲିବ୍ରେସନ ବିଭିନ୍ନ ଦାମୀ ହୋଟେଲ ଓ କ୍ଲବ୍ ଭିତରେ। ହାଇ ଭଲ୍ୟୁମ୍ ଦେଶୀ ବିଦେଶୀ ମ୍ୟୁଜିକ୍‌ର ତାଳରେ ଚାଲେ ଉଦଣ୍ଡ ନୃତ୍ୟ। ସାମାଜିକ ଗଣମାଧ୍ୟମର ବିଭିନ୍ନ ପ୍ଲାଟଫର୍ମରେ, ମୋବାଇଲରେ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଆଦାନ ପ୍ରଦାନର ମହାକୁମ୍ଭ। କୋଳାକୋଳି, ହାସ୍ୟରୋଳ, ନବବର୍ଷ ମଙ୍ଗଳମୟ,ଶୁଭଙ୍କର ହେଉ ବୋଲି ବାର୍ତ୍ତାର ଆଦାନପ୍ରଦାନ। ମନରେ କେତେ ଆଶା ଉଦ୍ଦିପନା। ଆଖିରେ ଚମକ୍। ବଦଳିଯାଏ କାନ୍ଥରେ ଟଙ୍ଗା ଯାଇଥିବା କ୍ୟାଲେଣ୍ଡର, ପୁରୁଣା କ୍ୟାଲେଣ୍ଡର ଯାଏ ଡଷ୍ଟବିନ ଭିତରକୁ। ଏହି କ୍ୟାଲେଣ୍ଡର ବଦଳିବା ସହିତ କାହାର ଜୀବନଚର୍ଯ୍ୟାରେ, ଭାଗ୍ୟ ଆକାଶରେ ଆଉ କ'ଣ ବଦଳେ ସେକଥା ଏ ଅଧମକୁ ଜଣା ନାହିଁ। ଏତିକି ଜାଣିଛି, କର୍ମ ହିଁ ଈଶ୍ୱର। ଯେମିତି କର୍ମ କରିବା, ସେମିତି ଫଳ ପାଇବା। ଜିରୋ ନାଇଟ୍ ସେଲିବ୍ରେସନ ପରେ,ରାତି ପାହିଲା ପରେ ଜୀବନ ଚାଲେ ତା'ର ନିଜସ୍ୱ ଚିରାଚରିତ ଢ଼ଙ୍ଗରେ ସମୟ ସହିତ। ପ୍ରତିବର୍ଷ ନବବର୍ଷ ଆସେ ଏମିତି ଓ ଯାଏ ପୁରୁଣା ବର୍ଷର ମାନ୍ୟତା ନେଇ।

ନୂଆବର୍ଷର ଆଗମନରେ କବିର କଲମ ଲେଖେ କେତେ ମନଛୁଆଁ କବିତା, ସାହିତ୍ୟିକ, ଭାବୁକ, ଚିନ୍ତାଶୀଳ ବିଜ୍ଞ ଜ୍ଞାନୀ ଗୁଣୀ ଲୋକ ମାନଙ୍କର କଲମରୁ,ପାଟିରୁ କେତେ ନୂଆ ନୂଆ କଥା ପଢ଼ିବାକୁ ଓ ଶୁଣିବାକୁ ମିଳେ। ସମସ୍ତେ ଇଚ୍ଛା କରନ୍ତି ବର୍ଷକ ବାରମାସ ଯାକ ହସୁଥାଉ ଋତୁରାଜ ବସନ୍ତ, ବସୁମତୀ ବସୁନ୍ଧରା ହେଉ ବିମୁଗ୍ଧ, ପ୍ରକୃତି ରାଣୀ ସଜେଇ ହେଉ ଆହୁରି ଚମତ୍କାର ଢ଼ଙ୍ଗରେ, ସ୍ନେହ, ଶ୍ରଦ୍ଧା,ଭଲପାଇବା, ସମ୍ବେଦନଶୀଳତା, ପରୋପକାର, ମାନବବାଦ ବଉଳ ଫୁଲର ବାସ୍ନାରେ ମହକି ଉଠୁ ବିଶ୍ୱ। କିନ୍ତୁ ଏସବୁ ଚିନ୍ତା ପ୍ରାୟ ତାଲାପଡି ରହିଯାଏ ମନର କାମନା ଓ ସ୍ୱାର୍ଥର ସିନ୍ଧୁକ ଭିତରେ। କଥା , ଚିନ୍ତା ଓ କାମରେ ଆକାଶ ପାତାଳର ଫରକ୍ ରହିଲେ, ଦେଖୁଥିବା ସ୍ୱପ୍ନ ସାକାର ହେବାର ସମ୍ଭାବନା ହିଁ ନାହିଁ। ବାସ୍ତବରେ ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଆମେ ଆଗକୁ ଚାଲୁ। ବିପଦରେ ପଡ଼ିଥିବା ଲୋକକୁ ହାତଧରି ଉପରକୁ ଉଠେଇବା ବଦଳରେ ତାକୁ କେମିତି ଆହୁରି ବିପଦ ଭିତରକୁ ଠେଲିଦେଇ ହେବ, ସେମିତି ଚିନ୍ତା ଆମ ମନ ଭିତରେ ବସା ବାନ୍ଧେ ଆହୁରି ଜଟିଳ ଭାବରେ। ସମାଜରେ ସୁଧାର ଆଣିବା ସପନକୁ ସତ କରିବା ପାଇଁ ଆମର ଆନ୍ତରିକତା କେତେ ସେକଥା ମାଆ ଗଙ୍ଗା ଜାଣନ୍ତି। ଆମ ମନରେ ପରା ମେଞ୍ଚା ମେଞ୍ଚା ଅଳିଆ। ଶାଗଖିଆ ଦେଖି ପାରୁନି ପେଜଖିଆକୁ। ଅନ୍ୟର ପିଠିରେ ପାଦ ପକେଇ ଆଗକୁ ବଢିବା ପାଇଁ ଆମେ ବ୍ୟଗ୍ର। ଏଇଟା ସତ୍ୟ ଯେ ସୀମାହୀନ ବିଶୃଙ୍ଖଳା ଓ ସ୍ୱାର୍ଥପରତାର କିଟିମିଟିଆ ଅନ୍ଧାର ସୁଡ଼ଙ୍ଗ ଭିତରେ ଗତି କରୁଛି ବିଶ୍ୱରେ ପ୍ରତିଟି ଜୀବନ। ପ୍ରତିଦିନ ନୂଆ ନୂଆ କଳଙ୍କିତ ରକ୍ତାକ୍ତ ଅଧ୍ୟାୟର ସୃଷ୍ଟି ହେଉଛି ଯାହା ଆସନ୍ତାକାଲି ସ୍ଥାନିତ ହେବ ଇତିହାସ ପୃଷ୍ଠାରେ। ମାନବବାଦର ତଣ୍ଟିଚିପି ଧରିଛନ୍ତି ପାପ, ଅନ୍ୟାୟ, ବର୍ବରତା, ନିଷ୍ଠୁରତା, କ୍ରୁରତା,ପଶୁତ୍ୱ, ବ୍ୟଭିଚାର, ଶୋଷଣ ଓ ପାଶବିକତା ଭଳି ଗୁଣକୁ ଜାବୁଡ଼ି ଧରିଥିବା ପଶୁମାନେ। ଚିତ୍କାର କରୁଛି ମାନବବାଦ, ଠୋ ଠୋ ହସ ଶୁଭୁଛି ବର୍ବରତା, ଶୋଷଣ, ବ୍ୟଭିଚାର ଓ ପଶୁ ପଣିଆର। ବର୍ତମାନ ପରିସ୍ଥିତିରେ ବାଂଲାଦେଶ କଥା କୁହନ୍ତୁ, ଇରାନ କଥା କୁହନ୍ତୁ, ରୁଷିଆ ୟୁକ୍ରେନ ପରିସ୍ଥିତି ହେଉ, ଇସ୍ରାଏଲ ଓ ହମାଶ ଭିତରେ ଲଢେଇ ହେଉ, ଭାରତର କାଶ୍ମୀର ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ରକ୍ତମୁଖା ଆତଙ୍କବାଦୀଙ୍କର ରକ୍ତଭୋଜି ଓ ସୁଦାନ ଭଳି ଗରୀବ ଦେଶରେ ଚାଲିଥିବା ଗୃହ ଯୁଦ୍ଧ ହେଉ, ସବୁଠି ମଣିଷର ବିକଳ ଆର୍ତ୍ତ ଚିତ୍କାର। ଈଶ୍ୱର କରନ୍ତୁ ୨୦୨୬ ରେ ସମଗ୍ର ବିଶ୍ୱରୁ ହଟିଯାଉ ଯୁଦ୍ଧର କଳାମେଘ ଓ ଭୁଷୁଡି ଯାଇ ସମାଧି ନେଉ ମୌଳବାଦୀ ଅତ୍ୟାଚାରୀ ଆତଙ୍କବାଦୀଙ୍କ ଭିତ୍ତିଭୂମି। ଇଂରାଜୀ ନବବର୍ଷରେ ବେଦର ଓଁକାର ଝଙ୍କାର ଝଙ୍କୃତ ହେଉ ସମଗ୍ର ବିଶ୍ୱରେ ଓ ଶାନ୍ତିର କପୋତ ଡେଣାଝାଡି ଉଡିବୁଲୁ ବିଶ୍ୱର କୋଣ ଅନୁକୋଣରେ, ବିଶ୍ୱ ନିଅନ୍ତା ବଡ଼ ଦେଉଳିଆ କାଳିଆ ସାଆନ୍ତଙ୍କ ପାଖରେ ପ୍ରାର୍ଥନା।

ଯଦିଓ ଆମ ଦେଶର ସଭ୍ୟତା ସଂସ୍କୃତି ଅନୁସାରେ ପ୍ରଥମ ଜାନୁୟାରୀ ଆମର ନୂଆବର୍ଷ ନୁହେଁ, ତଥାପି ଆମେ ଏହାକୁ ସମ୍ମାନ ଦେଉଛୁ ଓ ପାଳନ କରୁଛୁ ଖୁସି ମନରେ। ସମଗ୍ର ବିଶ୍ୱ ପାଳୁଛି,ଆମେ ବି ପାଳୁଛୁ ଇଂରାଜୀ ନବବର୍ଷ। କିଛି ଅସୁବିଧା ନାହିଁ। ବିଭିନ୍ନ ଦେଶର ସଂସ୍କୃତିର ମଳୟ ଆମ ଘରର ଝରକା ଦେଇ ଆମକୁ ଛୁଇଁଯାଉ, ମିଳନ ହେଉ ବିଭିନ୍ନ ସଭ୍ୟତା ଓ ସଂସ୍କୃତିର, କିନ୍ତୁ ଆମ ମନ ହୃଦୟ ନିଜସ୍ୱ ସଂସ୍କୃତି ସଂସ୍କାର ସଭ୍ୟତା ପାଖରୁ ଦୂରେଇ ନଯାଉ। ଖାଣ୍ଟି ସୁନାକୁ ଆଡ଼େଇ ଦେଇ ବେଙ୍ଗି ପିତ୍ତଳ ପଛରେ ଅଣନିଃଶ୍ୱାସୀ ହୋଇ ଦୌଡିବାର ମାନେ କିଛି ନାହିଁ। ସବୁ ଚକମକ କରୁଥିବା ଜିନିଷ କ'ଣ ସୁନା କି ? ନିଶ୍ଚିତ ଭାବରେ ନୁହେଁ। କଥା ହେଉଛି ଆମେ ଆମ ନିଜର ନୂଆବର୍ଷ ବି ଖୁବ୍ ଜବରଦସ୍ତ ଢ଼ଙ୍ଗରେ ପାଳନ କରିବା ଉଚିତ୍ ଯେମିତି ଇଂରାଜୀ ନବବର୍ଷ ପାଳନ କରୁଛୁ ଯାହାଫଳରେ ଆମ ପର ପିଢ଼ି ନିଜର ପ୍ରଥା ପରମ୍ପରା ନୂଆବର୍ଷ ପାଳନ କରିବା ସହିତ ଇଂରାଜୀ ନବବର୍ଷ ପାଳନ କରିବାର ମଜା ନେଇ ପାରିବେ। ଆମ ନବବର୍ଷ ସାମାଜିକ, ସାଂସ୍କୃତିକ, ଐତିହାସିକ ଓ ବୈଜ୍ଞାନିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ଆମ ନୂଆ ବର୍ଷରେ ଘରେ ଘରେ ସୁଆଦିଆ ପଣା କରି ବୃନ୍ଦାବତୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଏ। ଚଉରା ମୂଳରେ ଘିଅ ଦିପଟିଏ ଜାଳିଦେଇ ଆମେ ମୁଣ୍ଡିଆ ମାରୁ। ଗାଁ ମନ୍ଦିରରେ ବିଶ୍ୱର ମଙ୍ଗଳ ପାଇଁ ଯଜ୍ଞର ଆୟୋଜନ ହୁଏ। ଘିଅ ଧୂପ ଝୁଣାର ମହକରେ ମହକି ଉଠେ ଭିନ୍ନ ଏକ ଭକ୍ତିଭାବର ପରିବେଶ। ଚବିଶି ଘଣ୍ଟିଆ ମହାମନ୍ତ୍ରର ଜପ ଚାଲେ। ଶହେ ଆଠ ହନୁମାନ ଚାଳିଶା ପାଠ କରାଯାଏ। ସଂପୂର୍ଣ୍ଣ ସାକାହାରୀ ଭୋଜନରେ ପେଟ ପୁରେ। ଇଂରାଜୀ ନବବର୍ଷରେ ଥାଏ ଉପଭୋଗର ଚିନ୍ତା, କିନ୍ତୁ ଆମ ନବବର୍ଷରେ ଥାଏ ତ୍ୟାଗର ମନୋଭାବ। ଇଂରାଜୀ ନବବର୍ଷରେ ମଦିରା ମାଛ ମାଉଁସର ଭୁରି ଭୋଜନ କିନ୍ତୁ ଆମ ନିଜସ୍ୱ ନୂଆ ବର୍ଷରେ ଉପବାସ ରହି ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ନିଜ ପରିବାର, ଦେଶର ଓ ବିଶ୍ୱର ମଙ୍ଗଳ କାମନାର ଚିନ୍ତା ନିହିତ ଥାଏ। ଗୋଟେ ସଂସ୍କୃତିରେ ଏକଲାପଣ କିନ୍ତୁ ଆମ ସଂସ୍କୃତି ସଂସ୍କାରରେ ବସୁଧୈବ କୁଟୁମ୍ବକମ୍‌ର ମହାନତା। ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିରେ ଉପଭୋଗର ମାନସିକତା କିନ୍ତୁ ଭାରତୀୟ ସଂସ୍କୃତିରେ ତ୍ୟାଗପୂତ ଜୀବନ ଓ ବିଶ୍ୱର ମଙ୍ଗଳ ଚିନ୍ତାର ଭାବନା। ଆମ ସଂସ୍କୃତିରେ ନଥାଏ ମଦିରା ମାଉଁସର ବନ୍ୟା, ଥାଏ ଭଲପାଇବା, ଭାଇଚାରା,ସମ୍ବେଦନଶୀଳତା, ଆନ୍ତରିକତା ଓ ବିଶ୍ୱ ଭାତୃତ୍ୱର ନିଦର୍ଶନ। ଏମିତି ସଭ୍ୟତା ସଂସ୍କୃତି ବିଶ୍ୱରେ ଆଉ କେଉଁଠି ଅଛି କି ? ଦୁଃଖ ଓ ପରିତାପର ବିଷୟ ଏହି କି ଯେ ଆମେ ନିଜର ଗୌରବମୟ ଐତିହ୍ୟ ସଂସ୍କୃତି ସଭ୍ୟତାକୁ ଅନେକ ବର୍ଷ ଆଗରୁ ଧିରେ ଧିରେ ଭୁଲିବା ଆରମ୍ଭ କରିଛୁ ବିଦେଶୀ ସଂସ୍କୃତି ପଛରେ ଗୋଡ଼େଇ। ନିଜେ ଗୋଡାଣିଆ ହେବା ସହିତ ଆମ ପର ପିଢ଼ିକୁ ଗୋଡାଣିଆ ହେବାକୁ ଶିକ୍ଷା ଦେଉଛୁ। ଆମେ ମନେ ରଖିବା ଉଚିତ୍ ଯେ ମା, ମାଟି, ନିଜର ବିଶ୍ୱାସ, ସୁସ୍ଥ ପ୍ରଥା ପରମ୍ପରା,ସଭ୍ୟତା ସଂସ୍କୃତି ପାଖରୁ ଦୂରେଇ ଗଲେ , ଆମେ ଦିନେ ସର୍ବହରା ହେଇଯିବା। ସର୍ବହରାର ଜୀବନ ଜିଇଁବା ପୂର୍ବରୁ ଆମକୁ ବେଶ୍ ସଚେତନ ହେବାକୁ ପଡ଼ିବ। ଆମ ସଭ୍ୟତା ସଂସ୍କୃତି ସଂସ୍କାର ବିଶ୍ୱରେ ମହନୀୟ ଓ ଏହି ମହାନ ସଭ୍ୟତା ସଂସ୍କୃତିକୁ ଖୁବ୍ ଜୋରରେ ଆମକୁ ଛାତି କଲିଜାରେ ଜାବୁଡ଼ି ଧରିବାକୁ ହେବ ଓ ଏଥିସହିତ ଆମ ପର ପିଢ଼ିକୁ ଆମର ହଜାର ହଜାର ବର୍ଷର ଗୌରବମୟ ଇତିହାସ, ସଂସ୍କୃତି, ସଂସ୍କାର, ପ୍ରଥା ପରମ୍ପରା ବିଷୟରେ ଶିକ୍ଷା ଦେବାକୁ ଠିକ୍ ପ୍ରୟାସ ଅତ୍ୟନ୍ତ ଜରୁରୀ। ନିଜର ନିଜତ୍ୱ ହରେଇ ପର ପାଖରେ ନିଜକୁ ସମର୍ପଣ କରିଦେବା ଅର୍ଥ ଏକ କ୍ରୀତଦାସର ଜୀବନ ଜିଇଁବା ସହିତ ସମାନ।

ମାଉସୀକୁ ଭଲପାଇବା, ପ୍ରଶଂସା କରିବାରେ କିଛି ଅସୁବିଧା ନାହିଁ କିନ୍ତୁ ନିଜ ମାଆକୁ ଭୁଲିଯାଇ ଖାଲି ମାଉସୀ ମାଉସୀ ହେଲେ, କେଉଁ ସମୟରେ ନିଜର ଅସ୍ତିତ୍ୱ ହଜିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏମିତି ହେଲେ ସମୟ ଆସିବ, ନା ଆମେ ମାଆର ହେବା ନା ମାଉସୀର। ତେଣୁ ଆମେ ସବୁବେଳେ ମନେ ରଖିବା ଉଚିତ୍ ଯେ ଆଗ ମାଆ, ଜନ୍ମମାଟି ଓ ପରେ ମାଉସୀ। ମାଆ ଓ ମାଟିର ମହକକୁ ଭୁଲି ଗୋଡାଣିଆ ହେଇ ଆଗକୁ ବଢିବା ଅର୍ଥ ନିଜ ହାତରେ ନିଜର ସଭ୍ୟତା ଓ ସଂସ୍କୃତିର ସମାଧି ତିଆରି କରିବା।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ: ୯୪୩୭୩୨୦୩୫୦*

ଜାତୀୟ ଚେତନା
JATIYA CHETANA



# 'ଓଡ଼ିଶାର ବୌଦ୍ଧ ଐତିହ୍ୟ ଓ ପର୍ଯ୍ୟଟନ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି'



ଭୁବନେଶ୍ୱର,(ଜା.ପ୍ର): ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଏବଂ କରୁଣାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିପାରିବ। ଏଇ ଓଡ଼ିଶା ମାଟି ସର୍ବଦା ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି। ଓଡ଼ିଶା ସରକାର ଏଦିଗରେ ଅନେକ ପ୍ରୟାସ କରୁଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଦ୍ୱିତୀୟ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଶ୍ରୀମତୀ ପରିଡ଼ା କହିଛନ୍ତି, ବୌଦ୍ଧ ଧର୍ମ ବିକାଶ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଓଡ଼ିଶାକୁ ଭାରତର ବୌଦ୍ଧ ପର୍ଯ୍ୟଟନ ସର୍କିଟ ସହ ଯୋଡ଼ିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହ ଜୀରାଙ୍ଗ ମହାବିହାରର ମଧ୍ୟ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ହୋଇଥିଲା ଏବଂ ଉଦୟଗିରିଠାରେ ହିଁ ସେ ମହାପରିନିର୍ବାଣ ପ୍ରାପ୍ତ କରିଥିଲେ। ଏହାସହ ଓଡ଼ିଶାରେ ଗୁରୁ ପଦ୍ମସମ୍ଭବ ଏବଂ ବୌଦ୍ଧ ତନ୍ତ୍ରଯାନ ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିବାରୁ ଉପସ୍ଥିତ ବିଶେଷଜ୍ଞ ଗବେଷକମାନଙ୍କୁ ପ୍ରଶଂସା କରିଥିଲେ। ଜାନୁଆରୀ ୧୬ ଯାଏଁ ଚାଲୁଥିବା ଏହି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗ ଦେଇଛନ୍ତି। ଏହି ଅବସରରେ ଅତିଥିମାନେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରିଥିଲେ। ଅତିଥିମାନଙ୍କ ବକ୍ତବ୍ୟ ପରେ ଓଡ଼ିଶା ଓ ଗୁରୁ ପଦ୍ମସମ୍ଭବଙ୍କ ଇତିହାସକୁ ନେଇ ଏକ ଆଲୋଚନା ଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ସମ୍ମିଳନୀର ଚତୁର୍ଥ ଦିନରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ବର କୁମାର କର, ଜିରାଙ୍ଗର ବୌଦ୍ଧ ଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ମୁଖ୍ୟ ଓ୍ୱାଙ୍ଗମୋ ଦିକ୍ସେ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏକ ଆଲୋଚନାରେ ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ରିଚାର୍ଡ ଦିକ୍ସେ, ଫରାସୀ ଭାରତତତ୍ତ୍ୱବିତ ଡ. ଫ୍ରେଡରିକ ମରୁନଭାଲ, ବିଶିଷ୍ଟ ଲେଖକ ଓ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷକ ଡ. ଅନୀତା ସାବତ, ପ୍ରଫେସର ରାହୁଲ ରବି ରାଓ, ଲାମା ତେଞ୍ଜିନ ସାମ୍ଫେଲ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ସୁବ୍ରତ କୁମାର ପୃଷ୍ଟି, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଟିଡିସି ଜେନେରାଲ ମ୍ୟାନେଜର ଧର୍ମେନ୍ଦ୍ର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ।

# ଆମ ବସ୍ ଚାଳକଙ୍କୁ ମିଳିବ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,(ଜା.ପ୍ର):** ଜାନୁଆରୀ ୨୬ରୁ ଲାଗୁହେବ କ୍ୟାପ୍‌ଟେନ୍ ଓ ଗାଇଡ୍‌ମାନଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି। ଚାଳକଙ୍କ ସୁରକ୍ଷିତ ଗାଡ଼ି ଚାଳନା ଓ ବିଭିନ୍ନ ଦିଗରୁ ସେମାନଙ୍କ କାର୍ଯ୍ୟକୁ ମୂଲ୍ୟାଙ୍କନ କରି ତିନିମାସରେ ଥରେ ପ୍ରଦାନ କରାଯିବ ଏହି ରାଶି। ଫେବୃୟାରୀରୁ ଆରମ୍ଭ ହେବ ଆମ ବସ୍ ରୁଟରେ ଜନ ସାଧାରଣଙ୍କ ସହଭାଗିତା, ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କଠୁ ମଗାହେବ ରୁଟ୍ ପରିବର୍ତ୍ତନ ଉପରେ ମତାମତ। ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି କ୍ରୁଟ୍ କାର୍ଯ୍ୟାଳୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଆଧକ୍ଷତାରେ ଅନୁଷ୍ଠିତ ହୋଇ ଭାରି ଯାନ ଚଳାଚଳ ଦ୍ୱାରା ସଡ଼କବ୍ୟବହାକାରୀଙ୍କ ସୁରକ୍ଷା, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ ପରିବହନ କମିଶନର ଅମିତାଭ ଠାକୁର, ଏମ୍‌ଡି କ୍ରୁଟ୍ ସଞ୍ଜୟ ବିଶ୍ୱାଳ, ଡିସିପି, କମିଶନରେଟ୍ ପୁଲିସ୍, ଟ୍ରାଫିକ ଡ଼ିସିପି ଏବଂ ଜିଏମ୍ କ୍ରୁଟ୍ ପ୍ରମୂଖ ଉପସ୍ଥିତ ଥିଲେ ଓ ଜାନୁଆରୀ ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍ ଗୁଡ଼ିକର ସ୍ପିଡ୍ ଲିମିଟ୍‌ର ଅନୁଧାନ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। କୌଣସି ଆମ ବସ୍ ଏହି ନୀୟମ ଭଙ୍ଗ କରିଥିବାର ନଜିର୍ ଆସିନାହିଁ। ବସ ଷ୍ଟପ ମାନଙ୍କରେ ଆମ ବସ ରହଣି ଉପରେ ମଧ୍ୟ ଆଲୋଚନା ହୋଇଛି। ଡ୍ରାଇଭିଂ ଟ୍ରେନିଙ୍ଗ ସ୍କୁଲକୁ ମଧ୍ୟ ଇ-ବସ୍ ପ୍ରଦାନ କରାଯିବ। ଦୈନିକ ୧୮୦ କିମି ପର୍ଯ୍ୟନ୍ତ ଟ୍ରେନିଙ୍ଗ ସ୍କୁଲ ପରିସର ମଧ୍ୟରେ ଚାଳକମାନେ ଡ୍ରାଇଭିଂ ଟ୍ରେନିଙ୍ଗ ନେଇପାରିବେ। ଏନେଇ ଆବଶ୍ୟକୀୟ ଥିବା ମଲ୍ଟି ଚାର୍ଜିଂ ଇନ୍ଫ୍ରା ଛତିଆ, ବ୍ରହ୍ମପୁର ଏବଂ ବଣାଇ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବାର ଯୋଜନା କରାଯାଇଛି। ଯାହାଦ୍ୱାରା ସରକାରୀ ଯାନ ସହିତ ବେସରକାରୀ ଯାନଗୁଡ଼ିକର ଚାର୍ଜିଂ ସୁବିଧା ରହିବ। ଚାରିଚକିଆ ଇଭି ଯାନଗୁଡ଼ିକୁ ମଧ୍ୟ ଚାର୍ଜିଂ କରିବାର ସୁବିଧା ପାଇପାରିବେ ଜନସାଧାରଣ। ସେପରି ସୁବାହକ ଟ୍ରେନିଙ୍ଗର ସମୟ ସୀମା ତିନି ଦିନରୁ ପାଞ୍ଚ ଦିନକୁ ବୃଦ୍ଧି କରାଯାଇଛି। ଯାହାଦ୍ୱାରା ଚାଳକମାନେ ଅଧିକ ସମୟ ଓ ଅଧିକ ଦୂରତା ପର୍ଯ୍ୟନ୍ତ ଭାରି ମୋଟର ଯାନ ଚାଳନା ଟ୍ରେନିଂ ଗ୍ରହଣ କରିପାରିବେ। ସେଥିରେ ସାଇକୋମାଟ୍ରିକ ପରୀକ୍ଷା, ଇନ୍ ବିଟର୍ସ, ଲେନ ଡ୍ରାଇଭିଂ, ଚାଳକ ମାନଙ୍କର ନିଜସ୍ୱ ମୂଲ୍ୟାଙ୍କନ ଉପରେ ଅଧିକ ଧ୍ୟାନ ଦିଆଯିବ। ସେପରି ଇ-ବସ୍ ଚାଳନା ପ୍ରଶିକ୍ଷଣ ନିମନ୍ତେ ଟ୍ରେନିଙ୍ଗ ସ୍କୁଲ୍ ମାନଙ୍କରେ ସିମୁଲେଟର୍ ବ୍ୟବସ୍ଥା କରାଯିବ। ଯାତ୍ରୀ ମାନଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଦେଢ଼ ଲକ୍ଷରୁ ଅଧିକ କିଲୋମିଟର ଚଳାଚଳ ହୋଇସାରିଥିବା ପୁରୁଣା ବିପିଟିସିଏଲ୍ ର ୩୦ଟି ପୁରୁଣା ବସ୍ ଗୁଡ଼ିକୁ ସ୍କ୍ରାପିଂ କରାଯିବ। ଏହା ବଦଳରେ କଟକ ଓ ଭୁବନେଶ୍ୱରରେ ରାସ୍ତାକୁ ଦେଖି ଛୋଟ ଇ-ବସ୍ ଜନ ସାଧାରଣଙ୍କ ନିମନ୍ତେ ଯୋଡ଼ିହେବ।ପ୍ରକାଶ ଥାଉକି ଆମ ବସ ଦୁର୍ଘଟଣାକୁ ଦୃଷ୍ଟିରେ ରାଖୀ ପ୍ରମୁଖ ସଚିବ ଶ୍ରୀମତୀ ପାଢୀଙ୍କ ଆଧକ୍ଷତାରେ ଏକ ଉଚ ସ୍ତରୀୟ କମିଟୀ ଗଠନ କରାଯାଇ ପ୍ରତି ୧୫ ଦିନରେ ଆମବସ ଚଳାଚଳ ସମ୍ପର୍କରେ ସମୀକ୍ଷା କରାଯିବା ନିମନ୍ତେ ନିଷ୍ପତ୍ତି ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

# ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ବାଧ୍ୟତାମୂଳକ

ଭୁବନେଶ୍ୱର,(ଜା.ପ୍ର): ସରକାରୀ କାର୍ଯ୍ୟ ସମ୍ପାଦନ ସମୟରେ ଓଡ଼ିଆ ଭାଷାର ବ୍ୟବହାର ବାଧ୍ୟତାମୂଳକ। ଏଥିରେ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଅଧିକାରୀ ଏହାର ଖିଲାପ କରିବେ, ତାଙ୍କୁ ଏହି ବିଷୟରେ ତାଗିଦ୍ କରାଯିବ ଏବଂ ଆବଶ୍ୟକ ହେଲେ କାରଣ ଦର୍ଶାଅ ନୋଟିସ୍ ଜାରି ହେବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶାନାମା ଜାରି ହୋଇଛି।

ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡା ରାଜ୍ୟର ସମସ୍ତ ବିଭାଗୀୟ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର, ସବୁ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଛି। ଏଣିକି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ (ବ୍ଲକ, ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ) ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ। ଏହି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧିସୂଚନା ସଂଖ୍ୟା ୨୪୯୬୭, ତା ୨୭.୦୮.୨୦୨୪ ରିଖ ମାଧ୍ୟମରେ ଜାରି କରିଯାଇଥିବା ସବିସ୍ତୃତ ନିର୍ଦ୍ଦେଶାବଳୀକୁ ପାଳନ କରାଯିବ। ସରକାରୀ କାର୍ଯ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟ ଇତ୍ୟାଦି ଓଡ଼ିଆ ଭାଷାରେ କରାଯିବ। ଉକ୍ତ ନିର୍ଦ୍ଦେଶନାମାରେ ଆହୁରି କୁହାଯାଇଛି ଯେ, ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌର ସଂସ୍ଥା ଓ ସ୍ୱୟଂ ଚାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ। ପ୍ରଶାସନିକ ଭାଷାକୋଷକୁ ନିରନ୍ତର ଭାବେ ଅଧ୍ୟୟନ କରାଯିବା ସହ ସରକାରୀ କାର୍ଯ୍ୟାଳୟରେ ଏହାକୁ ଉପଲବ୍ଧ କରାଇବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଉପରୋକ୍ତ ନିର୍ଦ୍ଦେଶଗୁଡିକୁ ସମସ୍ତ କାର୍ଯ୍ୟାଳୟ ନିଜ ଅଧିନସ୍ତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଇବା ସହିତ ଏହି ସମ୍ପର୍କିତ ଅନୁପାଳନ ବିବୃତି ଏହି ବିଭାଗକୁ ଅବଗତ କରାଇବା ନିମନ୍ତେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଅନୁରୋଧ କରିଛନ୍ତି।

# ବ୍ୟାସକବିଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପ୍ରଦାନ କରାଯାଇଛି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟ, ଗବେଷଣା ଏବଂ ସାମଗ୍ରିକ ସାହିତ୍ୟ କୃତି ଆଦିକୁ ବିଚାରକୁ ନେଇ ଡ଼. ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବା ସହ ୫ଲକ୍ଷ ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହୋଇଥିବା ଡ଼. ଷଡ଼ଙ୍ଗୀଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ଅଭିନନ୍ଦନ ଜଣାଇବା ସହ ଏହି ସମ୍ମାନ ସାହିତ୍ୟ ଜଗତରେ ସାରସ୍ୱତ ସର୍ଜନା ଏବଂ ଗବେଷଣାକୁ ପ୍ରୋତ୍ସାହନ ଦେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ରାଜକବି ଗୋବିନ୍ଦଭଞ୍ଜ ଗ୍ରନ୍ଥାବଳୀ' ଏବଂ 'ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# 'କୃତଜ୍ଞତା, ସମୃଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ ପୋଙ୍ଗଲ'

ଚେନ୍ନାଇ/ନୂଆଦିଲ୍ଲୀ,(ସ୍ୱ.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି ମାଡ୍ରାସ ପରିସରରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ପାରମ୍ପରିକ ପୋଷାକ ପିନ୍ଧି ତାମିଲନାଡୁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ପୋଙ୍ଗଲ' ପର୍ବ ପାଳନ କରିଛନ୍ତି। ପ୍ରତିଷ୍ଠାନର କମ୍ୟୁନିଟି ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସାମିଲ ହୋଇ ଅମଳର ଏହି ପର୍ବକୁ ଉପଭୋଗ କରିଥିଲେ। ଏହି ଅବସରରେ ସେ ତାମିଲନାଡୁବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ପୋଙ୍ଗଲ ହେଉଛି କୃତଜ୍ଞତା, ସମୃଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏହା ଆମ ସମାଜରେ ସଦ୍‌ଭାବନା ଏବଂ ଏକତାକୁ ପ୍ରତିଫଳିତ କରିଥାଏ। ଏହି ପର୍ବ ଶିକ୍ଷାୟତନ ପରିସରରେ ଭବ୍ୟ ବାତାବରଣ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଏକତାକୁ ଆହୁରି ସୁଦୃଢ଼ କରିଛି।

ମନ୍ତ୍ରୀ ଆଇଆଇଟି ମାଡ୍ରାସ ପରିବାର ସହ ସମୟ ବିତାଇବା ନେଇ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶାନ୍ତି, ସମୃଦ୍ଧି ଏବଂ ସୁଖମୟ ଜୀବନ କାମନା କରିଛନ୍ତି। ଏହି ସ୍ୱତନ୍ତ୍ର ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରଣାଳୟର ସଚିବ ବିନୀତ ଯୋଶୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହା ପରେ ଶ୍ରୀ ପ୍ରଧାନ କାଶୀ ତାମିଲ ସଙ୍ଗମ୍ ୪.୦ର ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଗସ୍ତ କାଳରେ ଆଇଆଇଟି ମାଡ୍ରାସ ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଜାତୀୟ ଚେତନା
JATIYA CHETANA







# ମୁଁ ନ କଏ

**ଦିଗମ୍ବର ବେହେରା**

ସେଦିନ ଥାଏ ଜାନୁଆରୀ ମାସର ପ୍ରଥମ ଶୁକ୍ରବାର। ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରୁ କିଛିଦୂର ଏକ ଛୋଟ ଗାଁ ଏରାକୁସୁମୀ, ସେଇଗାଁ କୁ ଆମେ କୌଣସି ଏକ ସରକାରୀ କାମରେ ଯାଇଥାଉ। ସକାଳ ଆଠଟାରୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ଅପେକ୍ଷା କଲୁ, କୌଣସି ଲୋକଙ୍କ ଦେଖା ପାଇଲୁନି। କିଏ ଜଣେ ଦୁଇଜଣ ଲୋକ ଥିଲେ ସେମାନେ କହିଲେ ଲୋକମାନେ ଜଙ୍ଗଲକୁ କାଠ, ଲାଖ, ଝୁଣା, ମହୁ, ପତ୍ର ଆଦି ସଂଗ୍ରହ ପାଇଁ ଯାଇଛନ୍ତି। ସନ୍ଧ୍ୟା ପରେ ଆସିବେ। ଆମେ ଅଗତ୍ୟା କୌଣସି ଉପାୟ ନ ପାଇ ଫେରିଆସିଲୁ। ସନ୍ଧ୍ୟା ଛଅଟା ପରେ ପୁଣି ସେଇ ଗାଁକୁ ଗଲୁ। ଶୀତୁଆ ସନ୍ଧ୍ୟା, ଆଦିବାସୀ ଗାଁ। ଗାଁର ପ୍ରଥମ ଭାଗର ପ୍ରଥମ ଘରୁ ଦେଖିବାକୁ ପାଇଲୁ କିଛି ନିଆରା ଦୃଶ୍ୟ। ପିଲା ଠାରୁ ବୃଦ୍ଧ ସମସ୍ତେ ଘର ବାହାରେ ଗୋଲାକାର ହେଇ ବସିଛନ୍ତି। ସବୁ ଘରେ ପ୍ରାୟ ଏମିତି ଦୃଶ୍ୟ ଦେଖିବାକୁ ମିଳିଲା। ଲୋକ ମାନଙ୍କ ପାଖକୁ ଯାଇ ଯାହା ଦେଖିଲୁ କେହି ସହଜରେ ନିଜ ଆଖିକୁ ବିଶ୍ୱାସ କରିପାରିବେନି। ପାହାଡ଼ ତଳ ଗାଁ,ଏତେ ଶୀତ ହେଉଥାଏ ଯେ ଆମ ଲୋମ ଟାଙ୍କୁରି ଉଠୁ ଥାଏ। ସେ ଲୋକ ମାନଙ୍କ ଶରୀରରେ ଶରୀର ଢାଙ୍କିବା ପାଇଁ କେବଳ ଗୋଟିଏ ଅଙ୍ଗ ବସ୍ତ୍ର ଛଡା ଆଉ କିଛି ନଥାଏ। ସମସ୍ତେ ଅଗଣାରେ କାଠ ଜଳେଇ ସେଇ ଧୂନି ପାଖରେ ଏକାଠି ହେଇ ନିଜକୁ ଶୀତର ପ୍ରକୋପରୁ ରକ୍ଷା କରୁଥିଲେ। ଜଙ୍ଗଲରୁ ସଂଗ୍ରହ କରିଥିବା ମୋଟା ମୋଟା ଶୁଖିଲା କାଠକୁ ନିଆଁ ଜଳେଇବା ସହ ସେଥିରେ ଜଙ୍ଗଲରୁ ସଙ୍ଗୃହିତ ଝୁଣା ଓ କେତେକ ଶୁଖିଲା ପତ୍ର ଦିଆହେଇଥାଏ। ଅଗ୍ନି ସିତରୁ ରକ୍ଷା ଦେଇଥାଏ, ଝୁଣା ଓ ଶୁଖିଲା ପତ୍ର ମଶାକୁ ଦୂରେଇଦିଏ। ଗାଁ ର ସମସ୍ତଙ୍କ ଘରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଲା।

କେତେ ଘର ଘୁରି ବୁଲି ଯାଇ ଆମେ ପହଞ୍ଚିଲୁ ସୁନାଦେଇ ଘରେ। ସମୟ ପ୍ରାୟ ସନ୍ଧ୍ୟା ସାତଟା ହବ। ଅନ୍ଧାର ରାତି। କାହାକୁ କିଛି ଦେଖାଯାଉନଥାଏ। ଆମ ସହ ଶୁଭେନ୍ଦୁ ବାଟକଢ଼େଇ ନେଇ ଯାଉଥାନ୍ତି। ଶୁଭେନ୍ଦୁ ସେଇ ଗାଁର ପାଖ ଗାଁରେ ରୁହନ୍ତି। ସେ ଗାଁର ଲୋକ ମାନଙ୍କୁ ବେଶ ଭଲ ଭାବେ ଜାଣନ୍ତି। ଲୋକ ମାନଙ୍କ ସୁଖ ଦୁଃଖରେ ସାଥୀ ହୁଅନ୍ତି। ପରବପୁନେଇଁରେ ସେମାନଙ୍କ ସହ ସାଥୀ ହେଇ ନାଚଗୀତରେ ସାମିଲ ହୁଅନ୍ତି ଓ ମହୁଲି ପିଇ ବେଳେ ବେଳେ ମତୁଆଲା ବି ହେଇଯାନ୍ତି। ସେ ଲୋକମାନେ ଶୁଭେନ୍ଦୁଙ୍କୁ ବହୁତ ଭଲ ପାଆନ୍ତି। ସୁନାଦେଇ ଘରକୁ ବାଟ ଦେଖାଇ ଆଗେ ଆଗେ ଚାଲି ଥାଆନ୍ତି ଶୁଭେନ୍ଦୁ। ଆମକୁ କିଛି ଦେଖାଯାଉନଥାଏ, ମୋବାଇଲ ଫ୍ଲାସ ଲାଇଟ ଜଳେଇ ଚାଲିଥାଉ ଶୁଭେନ୍ଦୁଙ୍କ ପଛେ ପଛେ। ଶୁଭେନ୍ଦୁ ସୁନାଦେଇକୁ କହିଲେ : ଡକରି କାଏ କରଲୁସନି, ବାବୁ ଆଞ୍ଚା ମାନେ ଆଇଲା ଆସେ। ଆମେ କିଛି ବୁଝିପାରିଲୁନି। ସୁନାଦେଇ ଆମକୁ ତା ପରିବାର ର ତଥ୍ୟ ଦେଉଥାଏ। ଏଇସମୟରେ ଜଣେ ବୁଢା ଲୋକ ଆସିଲେ। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ନାମ କ'ଣ ? ବୁଢା ଟି ମୋ ମୁହଁକୁ ଭଲସେ ଅନେଇଲା। କିଛି କ୍ଷଣ ନୀରବ ରହି କହିଲା ମୁଇଁ ନ କଏ। ମୁଁ ପୁଣି ଥରେ ପଚାରିଲି ତୁମ ନାମ କ'ଣ ? ସେ ପୁଣି କହିଲା ମୁଇଁ ନ କଏ। ଆଉ ଘର ଭିତର ଆଡକୁ ଯିଆବାକୁ ପାଦ ବଢେଇଲା। ଏଇ ସମୟରେ ଶୁଭେନ୍ଦୁ ଆସିଲେ। ସେ ବୁଢାକୁ କଅଣ ଗୋଟେ କହିଲେ ମୁଁ ବୁଝିପାରିଲିନି, ଆଉ ବୁଢା ଟିକେ ହସିଦେଲା। ଶୁଭେନ୍ଦୁ ମଧ୍ୟ ହସିଦେଇ ବୁଢା ସହ ଟିକେ ନାଚିଦେଲେ ଓ କହିଲେ ତର କାଇ ନାଁ ଡକରା ? ବୁଢା ହସିଦେଇ କହିଲା ତୁଇ ନଜାନୁସ କି ? ଶୁଭେନ୍ଦୁ କହିଲେ କହିବାକୁ, ସେ ତା ନାମ କହିଲା। ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। ଶୁଭେନ୍ଦୁ ଆହୁରି କ'ଣ ପଚାରିଲେ। ବୁଢା ସବୁ କଥା ଶୁଭେନ୍ଦୁଙ୍କୁ କହିଲା। ହାତରେ କ'ଣ ଧରିଥିଲା ଶୁଭେନ୍ଦୁଙ୍କୁ ଦେଲା। ମୁଁ ଭଲକି ଦେଖିଲି, ଶିଆଳି ପତ୍ରରେ ବନ୍ଧା ହେଇଥାଏ ଏକ ଛୋଟ ପୁଡ଼ିଆ। ପୁଡ଼ିଆଟି ଖୋଲି ତା ଭିତରୁ ବାହାର କଲା ଛୋଟ ଛୋଟ ମାଛର ପତ୍ରପୋଡ଼ା। ଆଉ ଆମ ସମସ୍ତଙ୍କୁ ଖାଇବାକୁ ଦେଲା। ମୁଁ ଶୁଭେନ୍ଦୁ ଆଡକୁ ଅନେଇଲି, ଶୁଭେନ୍ଦୁ କହିଲେ ଖାଆନ୍ତୁ ଆଞ୍ଚା କିଛି ଅସୁବିଧା ନାହିଁ, ଭଲ ଲାଗିବ। ମୁଁ ଟିକିଏ ଚାଖିଲି ଭାରି ସୁଆଦିଆ ଲାଗିଲା। ପଚାରିବାରୁ କହିଲେ ଜଙ୍ଗଲ ପାଖ ଝରଣାରୁ ମାଛ ଆଣିଥିଲି ଆଉ ଶିଆଳି ପତ୍ରରେ ଲଙ୍କା ବଟା ପିଆଜ ପତ୍ର ଓ ଜୀରା ଦେଇ ଗୋଳେଇ ପତ୍ରରେ ବାନ୍ଧି ନିଆଁରେ ପୋଡ଼ା ହେଇଥିଲା। ସତରେ ମୋ ପାଟି ସେଇ ସୁଆଦକୁ କେବେବି ଭୁଲି ପାରିବନି।

ଆମ ମନରେ ଗୋଟିଏ କଥା ପ୍ରଶ୍ନ ବାଚି ହେଇ ରହିଥାଏ, ମୁଁ ପଚାରିଲି କିଛି କହିଲେନି କିନ୍ତୁ ଶୁଭେନ୍ଦୁ କଅଣ କହିଲେ ଆଉ ଶୁଭେନ୍ଦୁଙ୍କୁ ସବୁ କଥା କହିଲେ କିପରି ? ଏଇ କଥାର ରହସ୍ୟ ମୁଁ ଶୁଭେନ୍ଦୁଙ୍କୁ ପଚାରିଲି। ଶୁଭେନ୍ଦୁ ମୋତେ ଭଲ ଭାବେ ବୁଝେଇଦେଲେ ସେମାନଙ୍କ ସହ ସେ ସବୁଦିନ ମିଶୁଛନ୍ତି ସେମାନଙ୍କ ସୁଖ ଦୁଃଖରେ ସାମିଲ ହେଉଛନ୍ତି , ସର୍ବୋପରି ଶୁଭେନ୍ଦୁଙ୍କୁ ସେମାନେ ଜାଣିଛନ୍ତି ଓ ଶୁଭେନ୍ଦୁ ସେମାନଙ୍କ ଭାଷାରେ କଥା ହେଲେ। ଆମେ ଅଜଣା ବୋଲି ଆମକୁ କିଛି କହିଲେନି। ଡକରି ମାନେ କ'ଣ ବୋଲି ଶୁଭେନ୍ଦୁଙ୍କୁ ପଚାରିବାରୁ ଶୁଭେନ୍ଦୁ ବୁଝେଇଦେଲେ ଦେଶିଆ ଭାଷାରେ ଡକରି ମାନେ ବୁଢୀ ଓ ଡକରା ମାନେ ବୁଢା।

ସେଇଠୁ ଆମେ ଆସିଲୁ। ଗାଁର ଶେଷ ମୁଣ୍ଡରେ ଗୀତ ବାଦ୍ୟ ବାଜୁଥାଏ, କିଛି ଲୋକ ଗଛ ର ଡାଳ ପତ୍ର ଧରି ନାଚୁଥାନ୍ତି। ସେମାନଙ୍କ ଭିତରେ ଥାଆନ୍ତି ସ୍ତ୍ରୀ ବେଶଧାରୀ କେତେକ ପୁରୁଷ ଲୋକ। ସ୍ତ୍ରୀ ଲୋକ ମାନେ ପାଖରେ ଛିଡାହେଇ ନାଚ ଗୀତ କୁ ବେଶ ଉପଭୋଗ କରୁଥାନ୍ତି। ଆମେ କିଛି ସମୟ ପାଇଁ ସେଇଠି ଅଟକି ଗଲୁ। ଏଇ ନାଚ ଗୀତକୁ ଉପଭୋଗ କରିବାକୁ। ମୁଁ ମୋ ପକେଟ ଭିତରୁ ମୋବାଇଲଟି ବାହାରକଲି ଚିତ୍ର ଉତ୍ତଳନ କରିବା ପାଇଁ। ଏଇସମୟରେ ଜଣେ ଲୋକ ମୋ ହାତକୁ ଗୋଟିଏ ମୃଦୁପନୀୟ ବୋତଲ ବଢେଇଦେଲେ। ମୁଁ କିଛି ବୁଝିପାରିଲିନି ବୋଟଲଟି ହାତରେ ଧରିନେଲି। ତାଙ୍କୁ ପଚାରିଲି କ'ଣ ପାଇଁ ଏମିତି ନାଚଗୀତ ? ସେ ମୋ ମୁହଁକୁ ଅନେଇଲା ଓ କହିଲା ମୁଇଁ ନ କଏ। ସେଇଠୁ ପଳେଇଲା। ମୁଁ ଶୁଭେନ୍ଦୁଙ୍କ ଆଡକୁ ଅନେଇଲି, ହେଲେ ଶୁଭେନ୍ଦୁ ମୋ ପାଖରେ ନଥିଲେ। ଏପଟେ ସେପଟେ ଦେଖି ଖୋଜି ପାଇଲି। ଶୁଭେନ୍ଦୁ ସେଇ ଲୋକମାନଙ୍କ ଭିତରେ ଲୋକମାନଙ୍କ ସହ ମିଶି ନାଚଗୀତରେ ପୁରା ମଶଗୁଲ ହେଇଯାଇଛନ୍ତି। ଶୁଭେନ୍ଦୁଙ୍କ ଇସାରାରେ କେତେଜଣ ଲୋକ ଆସି ମୋତେ ଟାଣିନେଲେ, ମୁଁ ଆଉ ମୋ ପାଦକୁ ଅଟକେଇପାରିଲିନି। ସେଇ ଢେମସା ଗୀତ ଓ ଟାଙ୍ଗୁ ବାଦ୍ୟର ତାଳେ ତାଳେ ପାଦଚଳେଇବାକୁ ଲାଗିଲି। ଲୋକ ମାନଙ୍କର ସରଳତା, ସ୍ନେହ, ନିସ୍ୱାର୍ଥପର ଭଲପାଇବା ଆଗରେ ସତରେ ମୁଁ ନିଜକୁ କେତେବେଳେ ଯେ ସେମାନଙ୍କ ଭିତରେ ହଜେଇଦେଲି ମୁଁ ନିଜେବି ଜାଣିପାରିଲିନି। ଇଛା ହେଉଥିଲା ଆଉ କିଛି ସମୟ ନାଚିବାକୁ, ଝୁମିବାକୁ ସେଇ ନିରୀହ ଲୋକ ମାନଙ୍କ ସହ ପାଦରେ ପାଦ ମିଶେଇ ଆଉ କିଛି ବାଟ ଚାଲିବାକୁ, ଆଉ କିଛି ସମୟ ଝୁମିବାକୁ। ବେଶ ଆନନ୍ଦ ଲାଗିଲା। ଆସିବା ପରେ ଶୁଭେନ୍ଦୁ ମୋତେ ପଚାରିଲେ ଆପଣଙ୍କ ଅନୁଭୂତି କେମିତି ଥିଲା ? ମୁଁ କହିଲି ମୁଇଁ ନ କଏ।

ସତରେ ସରଳ, ନିରୀହ, ନିଷ୍କପଟ ସେଇ ଆଦିବାସୀମାନେ ଜଙ୍ଗଲର ସୁରକ୍ଷାକୁ ନିଜ ମୁଣ୍ଡ ଉପରକୁ ନେଇଥାଆନ୍ତି ଆଉ ଆମ ପରିବେଶ କୁ ସବୁଜ ସୁନ୍ଦର ସ୍ୱଚ୍ଛ ରଖିବାର ମୁଖ୍ୟ ଭୂମିକା ନିଭେଇଥାନ୍ତି, ଆଉ ଭଲ ପାଇବା ସ୍ନେହ ଆଦର ଦ୍ୱାରା ସଭିଙ୍କୁ ନିଜର କରିନେଇ ଥାଆନ୍ତି। ଭାଇଚାରାର ଉଦାହରଣ ଏଇଠି ଦେଖିବାକୁ ମିଳେ, ସ୍ନେହ ମମତାର ବନ୍ଧନ ଏଇଠି ଦେଖିବାକୁ ମିଳେ। ଏଇ ମାନକ ଠାରୁ ଆମେ ଏତିକି ଶିଖିବା କଥା।

*କୁମୁଟିଗୁଡା, ମାଲକାନଗିରି*
*ପିନ୍-୭୬୪୦୪୫*
*ମୋ- ୯୭୭୬୪୫୬୪୮୭*

# ବାପୁନି ଯିବ ପୁରୀ

ବାବାଙ୍କ ସାଥେ ଶ୍ରୀକ୍ଷେତ୍ର ଧାମ
ଯାଇନାହିଁ ବାପୁନି,



ଯା ସାଥେ ଗଲେ ଯେତେ ବି ସିଏ
ମନ ଜମା ବୁଝୁନି ।
ବାପୁନି ମୋର ହେଲାଣି ବଡ଼
ପଢୁଚି ଭଲ ପାଠ,
ଆହୁରି କିଛି ଜାଣିବ କଥା
ଗଲେ ମନ୍ଦିର, ମଠ ।
ପଢ଼ିଚି ଯାହା ଇତିହାସରୁ
ଜଗନ୍ନାଥଙ୍କ କଥା,
ବୁଝିହଉନି, ଜାଣିହଉନି
ଘୂରିଯାଉଚି ମଥା ।
ବୁଲି ଦେଖିଲେ ଶିରୀକ୍ଷେତର
ଜାଣିପାରିବ ସବୁ,
ଜଗାର ଡୋରି ଲାଗିଲେ ଆମେ
ନିଶ୍ଚୟ ପୁରୀ ଯିବୁ।
ସଞ୍ଚୟ କରି ରଖିଛି ଟଙ୍କା
ଖରଚ ହେବ ବୋଲି,
ସବୁତକ ସେ ସାଥିରେ ନେବ
କୁମ୍ଭି ଟି ତା'ର ଖୋଲି ।
ବାବାଙ୍କ ପାଖେ ବାପୁନି ବୁଢ଼ା
କହିଛି କଥାସବୁ,
ସେଇଥିଲାଗି ଆର ମାସରେ
ଶ୍ରୀକ୍ଷେତ୍ର ଆମେ ଯିବୁ।

**ମାଧବ ଚନ୍ଦ୍ର ଦାଶ**
ଆଙ୍କୁଲାଚଟୀ, ଖୋର୍ଦ୍ଧା

# ବୋଉ

କେତେ ଭଙ୍ଗାରୁଜା ସ୍ୱପ୍ନ ନେଇ
ଗଢ଼ିବସେ ଘରଟିଏ
ନିଜଠୁ ନିଅଣ୍ଟ କରି
ତିଆରେ ଆମକୁ
ବୁନ୍ଦାଏ ଅଶ୍ରୁରେ କେବେ
ଜୁଡୁବୁଡୁ ତା' କ୍ଷତାକ୍ତ ଆକାଂକ୍ଷା ସବୁ
ବୋଉ ଗୋଟିଏ ଅସମ୍ପୂର୍ଣ୍ଣ କବିତା
ଅସରନ୍ତି ଗାଉଁଲି ଶବ୍ଦଟେ
ବୋଉ !
ବୋଉ
ଖୁବ୍ ବିଶାଳ ଆକାଶ ପରି
ସଦା ସଫେଦ୍
ସେ ମାଗେନି ତା' ପାଇଁ କିଛି
ଆମ ଆୟୁଷଟା ପାଇଁ
ଆଜୀବନ ଜାଳିବସେ ଦୀପ
ତା' ଭଗବାନ ଆଉ ବିଶ୍ୱାସର ସାଥେ
ବୋଉ ଧାଉଁଥାଏ ସମୟର ସାଥେ
ଜୀବନ ଯୁଦ୍ଧରେ
ଯନ୍ତ୍ରଣାକୁ ଦଳିଚକଟି
ବୋଉ ସଦା ଚୁପଚାପ୍
ତା' ଆଖିର ଲୁହରେ
ଅଲେଖା କବିତା ତାର
ସେ ଫୁଟେ ପୁଣି
ମଉଳେ ସେ ବାରମ୍ବାର
ବୋଉ ଗୋଟେ ଅସମ୍ପୂର୍ଣ୍ଣ କବିତା
ନିତି ହୃଦୟରେ ପୂଜାପାଏ ଯିଏ
ସିଏ ବୋଉ !

***କିରଣ ମନୀଷା ମହାନ୍ତି***
*ରେଞ୍ଚ, ପୁରୀ*

# ଉଡ଼ିଗଲା କି !

କାଉ କୋଇଲି ପରି
ଲୋପ ପାଇଯାଇଛି କି
ମଣିଷତ୍ୱ
ମଣିଷ ସମାଜରୁ।
ଲୋପ ପାଇଗଲା କି
ମାନବିକତା ?
ସହାୟତା, ସହାନୁଭୂତି
ଜଣଙ୍କର ଆଉ ଜଣଙ୍କ ପାଇଁ ।
କିଏ ଏ ପାଇଁ ଦାଇ
ପ୍ରଶାସନ ?
ନା,
ସମାଜ ?
ନା, ନିଜେ ମଣିଷ ସାଜିଛି
ରାକ୍ଷସ
ନିଜ ପାଇଁ।
କାହିଁକି ଏତେ କଠୋରତା
କାହିଁକି ଏତେ ନିଷ୍ଠୁରତା ଭରି ରହିଛି
ମଣିଷର,
ମଣିଷ ସମାଜ ପାଇଁ।
କାହିଁକି ମଣିଷ ଜୀବନ
ସାଜିଛି ମୂଲ୍ୟହୀନ,
ମଣିଷ ପାଇଁ
କାହିଁକି ବିଶ୍ୱାସର ସ୍ଥାନ
ଅଧିକୃତ କରିଛି ଅବିଶ୍ୱାସ,
ମିଛ ପ୍ରଲୋଭନର ସାମ୍ରାଜ୍ୟ
ବଢ଼ି ଚାଲିଛି ଅଗ୍ନି ପ୍ରାୟ।
କିଏ ଏଆ ପାଇଁ ଦାୟୀ
ଭଗବାନ,
ନା, ଜୀବଜନ୍ତୁ
ନା,
ମଣିଷ ଶତ୍ରୁ ସାଜିଛି
ମଣିଷ ସମାଜ ପାଇଁ।
କାହିଁକି ମଣିଷ ସମାଜ
ମଣିଷକୁ ବିଶ୍ୱାସ କରିବାକୁ
କ୍ଷମତା ଜୁଟାଇପାରେ ନାହିଁ।
ଅନ୍ୟ ଦୁଃଖରେ
ଦୁଃଖୀ ହେବା ପାଇଁ
ସମୟ କାହିଁ ?
ହୁଏତ ସମୟ ଥାଇପାରେ,
ଅନ୍ୟର ସୁଖ ସୁବିଧା
ଦେଖି ଜଳିବା ପାଇଁ
ପର ନିନ୍ଦା, ପର ଚର୍ଚ୍ଚା ପାଇଁ।
ସେଠି କେମିତି ଖୋଜିବା
ମଣିଷପଣିଆ
ମଣିଷ ସମାଜ ପାଇଁ।
ବାପା କୋକେଇକୁ
ମା' ଜାବୁଡ଼ି କାନ୍ଦେ,
ବିକଳ ହେଇ ଆତ୍ମୀୟଙ୍କୁ ଖୋଜେ
ଆତ୍ମୀୟତ ଫଟୋ
ନେବାରେ ବ୍ୟସ୍ତ
ସାନ୍ତ୍ୱନା ପାଇଁ କୋହ କାହିଁ ?
ଆଉ ପୁଅ ନିଏ
ଲାଇଭ ଭିଜୁଆଲ
ଫେସବୁକ୍‌ର ମିଛ ସାନ୍ତ୍ୱନା
ସାଉଁଟିବା ପାଇଁ।
ନିଜ ଭୋକ ମେଣ୍ଟେଇବାକୁ ଯାଇ
ନୀରିହ ପଶୁକୁ ହତ୍ୟା କରି ଖାଏ,
ସେଇ ବିଭତ୍ସ ଦୃଶ୍ୟକୁ
ସୋସିଆଲ ମିଡ଼ିଆରେ ଘୂରାଏ।
ନିଜ ପାରଙ୍ଗମତା ଦର୍ଶାଇବା ପାଇଁ,
ଏଇ କେମିତି କା ମଣିଷ ସମାଜ
ଯହିଁ ସବୁ ଅଛି
ବାସ୍, ମଣିଷତ୍ୱ ନାହିଁ ।

***ପୂର୍ଣ୍ଣିମା ଲେଙ୍କା***
*ଆଇଆଇଟି, ଧାନବାଦ୍*

ଜାତୀୟ ଚେତନା
JATIYA CHETANA



## ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସଚିବସ୍ତରୀୟ ବୈଠକ

# ମୁଖ୍ୟମନ୍ତ୍ରୀଙ୍କ ୧୫ ସୂଚୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ



ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚିବମାନଙ୍କ ସହିତ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ପ୍ରଥମେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସଚିବମାନଙ୍କର ମାସିକ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସଚିବମାନେ ଯେତେବେଳେ ଜିଲ୍ଲା ଗସ୍ତରେ ଯାଉଛନ୍ତି, ସେମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ବିଶେଷ କରି ଯେଉଁଠି ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧିନ ରହିଛି ସେସବୁକୁ ସ୍ଥିତି ସମୀକ୍ଷା କରନ୍ତୁ। ପ୍ରକଳ୍ପ ବିଳମ୍ବ ହେଉଥିଲେ, ସେସବୁ କେଉଁ କାରଣରୁ ବିଳମ୍ବ ହେଉଛି, ସେ ସମ୍ପର୍କରେ ବୁଝି ସମାଧାନ ପାଇଁ ପରାମର୍ଶ ଦିଅନ୍ତୁ। ପାନୀୟ ଜଳ ଏକ ପ୍ରମୁଖ ଆବଶ୍ୟକତା ଏବଂ ବିଭିନ୍ନ ଜିଲ୍ଲାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ଶେଷ ହେଲେ ସମ୍ପୃକ୍ତ ଗ୍ରାମବାସୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀକୁ ବିଭିନ୍ନ ବିଭାଗ ମାନେ କିପରି କାର୍ଯ୍ୟକାରୀ କରୁଛନ୍ତି ଏବଂ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ୨୦୨୫-୨୬ ବର୍ଷରେ ବିତ୍ତୀୟ ସ୍ଥିତି ସମୀକ୍ଷା କରାଯାଇଥିଲା। ବଜେଟ୍ ଅନୁମୋଦନ ଅନୁସାରେ ଗତ ଡିସେମ୍ବର ୨୦୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି, ସାମାଜିକ କ୍ଷେତ୍ର ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚରେ ଗତବର୍ଷ ଅପେକ୍ଷା ୧୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ କାର୍ଯ୍ୟକ୍ରମ ବାବଦକୁ ୧୫ ପ୍ରତିଶତ ବଢ଼ିଥିବା ଜଣାଯାଇଛି। ସେହିପରି ବିଭିନ୍ନ ଉତ୍ସରୁ ରାଜସ୍ୱ ସଂଗ୍ରହ ଗତ ଆର୍ଥିକ ବର୍ଷ ତୁଳନାରେ ୭.୮୨ ପ୍ରତିଶତ ବୃଦ୍ଧି ପାଇଥିବା ଜଣାଯାଇଛି। ସମ୍ପୃକ୍ତ ବିଭିନ୍ନ ବିଭାଗମାନଙ୍କୁ ସେମାନଙ୍କର ରାଜସ୍ୱ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ବଜେଟ୍ରେ କିପରି ନୂଆ ନୂଆ ପ୍ରସ୍ତାବ ଅଣାଯାଇ ପାରିବ, ସେ ସମ୍ପର୍କରେ ସଚିବ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପାଣ୍ଠିର ଉପଯୋଗ ନେଇ ସ୍ୱତନ୍ତ୍ର ସମୀକ୍ଷା ଓ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ବିଭାଗୀୟ ସଚିବମାନଙ୍କୁ ନିଜ ନିଜ ବିଭାଗରେ ବଜେଟ୍ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ସାରିବା ଓ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବହୁ ପୁରୁଣା ଆଇନ୍ ରହିଛି। ଯେଉଁ ଆଇନଗୁଡ଼ିକର ସମ୍ପ୍ରତି ଆବଶ୍ୟକତା ରହୁନାହିଁ, ସେସବୁକୁ ପ୍ରତ୍ୟାହାର କରିବା ପାଇଁ ସଚିବମାନଙ୍କୁ ତର୍ଜମା କରି ପ୍ରସ୍ତାବ ଦେବାକୁ ଆଇନ୍ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ପ୍ରତି ମାସ ୧୬ ତାରିଖରେ ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ବିକାଶ ମୂଳକ କାର୍ଯ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା ହେବ। କିନ୍ତୁ ଚଳିତ ମାସରେ ପୂର୍ବ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟ ଥିବାରୁ ଜାନୁଆରୀ ୧୬ରେ ଏହି ବୈଠକ ନହୋଇ ଜାନୁଆରୀ ୨୨ରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ମାସର ପ୍ରତି ୩ୟ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ତଥା ଏମଓୟୁ ସ୍ୱାକ୍ଷରିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚନା ଦିଆଯାଇଥିଲା।

## ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ



ଭୁବନେଶ୍ୱର,(ଜା.ପ୍ର): ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ତାଙ୍କ ସହିତ ମା' ସୁନନ୍ଦା ସେଟ୍ଟୀ ଓ ଭଉଣୀ ସମିତା ସେଟ୍ଟୀ ତାଙ୍କ ସହିତ ଥିଲେ। ଫିଟନେସ୍ ଓ ଗ୍ଲାମରସ୍ ପାଇଁ ଦେଶରେ ଜଣାଶୁଣା ବଲିଉଡ୍ ଶିଳ୍ପା ପରିବାର ସହ ପୁରୀରେ ପହଞ୍ଚିଥିଲେ। ଏହାପରେ ପୁଲିସ୍‌ର ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ତାଙ୍କ କୌଳିକ ପଣ୍ଡାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେ ମା ଓ ଭଉଣୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଆକାଂକ୍ଷା ଅଗ୍ରୱାଲ, ରବି କୁମାର ଓ ଅନ୍ୟମାନଙ୍କ ସହ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଏହା ପରେ ସେ ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଶ୍ରୀମନ୍ଦିର ଭିତରେ ବିତାଇଥିଲେ। ତାଙ୍କ କୌଳିକ ପଣ୍ଡା ଇପ୍ସିତ ପ୍ରତିହାରୀ ସକାଳ ଧୂପରେ ବାହାରିଥିବା ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ଦେଇଥିଲେ। ତେବେ ଶିଳ୍ପାଙ୍କ ମା' ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଡାକରା ପାଇ ଆଜି ପୁରୀ ଆସି ଦର୍ଶନ କରିବାର ପୁଣି ସୌଭାଗ୍ୟ ମିଳିଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଜୟ ଜଗନ୍ନାଥ ଧ୍ୱନି ଦେଇ ସେ କହିଥିଲେ ଚାରି ଧାମ ଯାତ୍ରା ମଧ୍ୟରୁ ଏହା ଶ୍ରେଷ୍ଠ ଧାମ ଅଟେ। ସେହିପରି ଶିଳ୍ପା ପ୍ରଶାସନିକ ବ୍ୟବସ୍ଥା ନେଇ ଖୁସିବ୍ୟକ୍ତ କରିଥିଲେ। ଶିଳ୍ପା ସେଟ୍ଟୀ ଏକ ଜାତୀୟ ଗଣମାଧ୍ୟମର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଛନ୍ତି। ତେବେ ଓଡ଼ିଶାରେ ପହଞ୍ଚିବା ପରେ ଶିଳ୍ପା ସେଟ୍ଟୀ ପ୍ରଥମେ ପୁରୀ ଗସ୍ତରେ ଆସିଥିଲେ। ସେପଟେ ଶିଳ୍ପାଙ୍କୁ ଦେଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ପାଖରେ ଲୋକଙ୍କ ବେଶ୍ ଭିଡ଼ ଜମିଥିଲା।

# କୋଲକାତାରେ ଦୁଇ ଦିନିଆ ନିବେଶକଙ୍କ ସମ୍ମିଳନୀ: ଚାରି କ୍ଷେତ୍ରରେ ନିବେଶ ପାଇଁ ଫୋକସ୍

ଭୁବନେଶ୍ୱର,(ଜା.ପ୍ର): ସକାଳ ପାହିଲେ କୋଲକାତାରେ ଆରମ୍ଭ ହେବ ଦୁଇ ଦିନିଆ ନିବେଶକଙ୍କ ସମ୍ମିଳନୀ। ପ୍ରଥମ ଦିନରେ ବିଭିନ୍ନ ଶିଳ୍ପସଂସ୍ଥାଙ୍କ ସହ ତିନି ପର୍ଯ୍ୟାୟରେ ରାଉଣ୍ଡଟେବୁଲ ବୈଠକ ବସିବ। ଏଥିରେ ଫୋକସ୍‌ରେ ରହିଛି ଟେକ୍ସଟାଇଲ୍, ମେଟାଲ୍ ଡାଉନ୍‌ଷ୍ଟ୍ରିମ ଓ ପ୍ଲାଷ୍ଟିକ୍। ଅଧିକ ନିବେଶ ପାଇଁ ଶିଳ୍ପପତିଙ୍କୁ ନିବେଦନ କରିବେ ରାଜ୍ୟ ସରକାର। ଦ୍ୱିତୀୟ ଦିନରେ ସେମିତି ଫାର୍ମା ଶିଳ୍ପ ଉପରେ ଆଲୋଚନା କରାଯିବ। ଏହାଦ୍ୱାରା ରାଜ୍ୟର ଶିଳ୍ପ ଦିଗରେ ବର୍ଦ୍ଧିତ ଆତ୍ମବିଶ୍ୱାସକୁ ଆହୁରି ପ୍ରତିଫଳିତ କରିବ। କୋଲକାତା ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ଆଇଟିସି ହୋଟେଲରେ ଆୟୋଜିତ ଏହି ନିବେଶକ ସମ୍ମିଳନୀ ଶିଳ୍ପ ସହଭାଗୀତାକୁ ଆହୁରି ମଜଭୂତ କରିବ। କିଛି ଶିଳ୍ପ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷର (ଏମ୍ଓୟୁ) ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜାତୀୟ ଓ ବିଶ୍ୱସ୍ତରର ନିବେଶକଙ୍କ ନିକଟରେ ରାଜ୍ୟର ବିସ୍ତାରିତ ଶିଳ୍ପ କ୍ଷମତାକୁ ଉପସ୍ଥାପନ କରିବା ନିମନ୍ତେ ନିଜ ରାସ୍ତାକୁ ଆହୁରି ପଶସ୍ତ ହେବ। ବହୁ ବିଶିଷ୍ଟ ଶିଳ୍ପଦ୍ୟୋଗୀଙ୍କ ସହ ପ୍ରତ୍ୟେକ୍ଷ ଆଲୋଚନା କରିବାର ସୁଯୋଗ ମିଳିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ପ୍ରତି ନିବେଶକଙ୍କ ଦୃଢ଼ ବିଶ୍ୱାସ ରହିଛି। ବିଭିନ୍ନ ଶିଳ୍ପପତି ଓ ନିବେଶକମାନଙ୍କ ସହିତ ଆଲୋଚନା କରିବା ପରେ ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ହେବ। ପୂର୍ବ ଅଭିଜ୍ଞତା କାର୍ଯ୍ୟ କରିବ। ଶିଳ୍ପ ପ୍ରକଳ୍ପଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି। ସେଥିପାଇଁ ଶିଳ୍ପପତିମାନେ ଓଡ଼ିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି। ନିବେଶକମାନେ ବର୍ତ୍ତମାନ ଅନୁଭବ କରୁଛନ୍ତି ଯେ, ଓଡ଼ିଶା ହେଉଛି ଆଗାମୀ ଦିନର ଭାରତର ଗ୍ରୋଥ୍ ଇଞ୍ଜିନ୍। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱଷ୍ଟ ନୀତି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇକୋସିଷ୍ଟମ ମାଧ୍ୟମରେ ଦୀର୍ଘକାଳୀନ ସହଭାଗୀତା ନିର୍ମାଣ କରିବା ଉପରେ ଆମର ଧ୍ୟାନ ରହିଛି। ତାହା ନବସୃଜନ, ନିଯୁକ୍ତି ସୃଷ୍ଟି ଓ ସ୍ଥାୟୀ ଅଭିବୃଦ୍ଧିକୁ ଦ୍ୱିଗୁଣିତ କରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଏହା ହେଲେ ରାଜ୍ୟର ଆର୍ଥିକ ସ୍ଥିତି ଉନ୍ନତି ହେବ। ଉକ୍ତ ନିବେଶକ ସମ୍ମିଳନୀରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ସମେତ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗ ଦେବେ।

# ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁ

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି। ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଏବଂ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟ ରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାମାନଙ୍କୁ ନେଇ ଆମେ ଏକ ବଡ଼ ଇକୋସିଷ୍ଟମ ତିଆରି କରୁଛୁ। ତେଣୁ ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



'ଟାଇମ୍ସ ବିଜନେସ୍ ଆୱାର୍ଡ଼-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା କରିବ । ବିଜ୍ଞାନ ଓ ବୈଷୟିକ କୌଶଳର ପ୍ରୟୋଗ ମାଧ୍ୟମରେ ସ୍ଥାନୀୟ ସମ୍ବଳକୁ ରୋଜଗାରକ୍ଷମ କରିବା ଏବଂ ବିଶ୍ୱସ୍ତରୀୟ ବଜାର ସହ ଯୋଡ଼ିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ନୂତନ ଯୁଗର ଅର୍ଥନୀତିରେ ଓଡ଼ିଶାର ଅପାର ସମ୍ଭାବନା ରହିଥିବା ଦର୍ଶାଇ ସେ କହିଛନ୍ତି ଯେ, ରାଜ୍ୟ ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନରହି 'ସ୍ପେଶାଲିଟି ଷ୍ଟିଲ୍' ଓ ଉଚ୍ଚମାନର ମ୍ୟାନୁଫ୍ୟାକ୍ଚରିଂ ଦିଗରେ ଆଗେଇବା ଆବଶ୍ୟକ। ବିଶେଷ କରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି । କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର ଦୁନିଆରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମର ଯୁବଶକ୍ତି ହେଉଛି ଆମର ବଡ଼ ପୁଞ୍ଜି । ସେମାନଙ୍କ ପାଖରେ ନୂତନ ଚିନ୍ତାଧାରା, ଶକ୍ତି ଏବଂ ଆଗ୍ରହ ରହିଛି । ସେମାନଙ୍କୁ ନୂତନ ଯୁଗର ଦକ୍ଷତା ସହ ଗଢ଼ି ତୋଳିଲେ, ଆମେ ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ର ସ୍ୱପ୍ନ ସାକାର କରିପାରିବା । ସମସ୍ତ ଉଦ୍ୟୋଗୀମାନଙ୍କୁ ଆଗାମୀ ୧୦ ବର୍ଷର ଲକ୍ଷ୍ୟକୁ ଆଖି ଆଗରେ ରଖି କେବଳ ବ୍ୟବସାୟ ନୁହେଁ, ବରଂ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଶ୍ୱର ଭୂ-ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ସମୃଦ୍ଧ ହେଉଛି । ବିଶ୍ୱର ଭୂ-ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଆଜି ଭାରତର ଅର୍ଥନୀତି ସମୃଦ୍ଧ ହେଉଛି । ୧୯୪୭ ମସିହା ସ୍ୱାଧୀନତା ପରଠାରୁ ୨୦୧୪ ପର୍ଯ୍ୟନ୍ତ ଆମ ଦେଶ ୨ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ, ଅର୍ଥାତ୍ ମାତ୍ର ୧୦ ବର୍ଷ ମଧ୍ୟରେ ଭାରତ ଆଉ ୨ ଟ୍ରିଲିୟନ ଡଲାର ଯୋଡ଼ିପାରିଛି।

ଜାତୀୟ ଚେତନା
JATIYA CHETANA



## ଦିନିକିଆ ର୍ୟାଙ୍କିଙ୍ଗ୍: ଟପ୍-୧୦ରେ ୪ ଭାରତୀୟ

# ପାଞ୍ଚବର୍ଷ ପରେ କୋହଲି ନଂ.-୧

ଦୁବାଇ: ମହାନ୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ୫ ବର୍ଷ ପରେ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ନମ୍ବର-୧ ବ୍ୟାଟର୍ ହୋଇଛନ୍ତି। ସେ ଏହି ସ୍ଥାନରୁ ଭାରତର ରୋହିତ ଶର୍ମାଙ୍କୁ ହଟାଇ ଦେଇଛନ୍ତି। ରୋହିତ ନମ୍ବର-୩ ଦିନିକିଆ ବ୍ୟାଟର୍ ହୋଇଛନ୍ତି। ତାଙ୍କୁ ଦୁଇଟି ସ୍ଥାନର କ୍ଷତି ହୋଇଛି। ବିରାଟ ଓ ରୋହିତଙ୍କ ବ୍ୟତୀତ ଅନ୍ୟ ଦୁଇ ଭାରତୀୟ ବ୍ୟାଟର୍ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ (ପଞ୍ଚମ) ଏବଂ ଶ୍ରେୟସ୍ ଆୟର୍ (ଦଶମ) ଶୀର୍ଷ-୧୦ରେ ରହିଛନ୍ତି। ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୯୧ ବଲ୍‌ରେ ୯୩ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ଏହାର



ସିଧା ଲାଭ ତାଙ୍କୁ ମିଳିଛି। ଏବେ ତାଙ୍କ ରେଟିଂ ପଏଣ୍ଟ୍ ୭୮୫ ହୋଇଛି। ବିରାଟ ୨୦୨୧ ଜୁଲାଇ ପରେ ପ୍ରଥମ ଥର ଏବଂ ଓଭର୍‌ଅଲ୍ ତାଙ୍କ କ୍ୟାରିୟର୍‌ରେ ଏକାଦଶ ଥର ନମ୍ବର-୧ ବ୍ୟାଟର୍ ହୋଇଛନ୍ତି। ଗତ ସପ୍ତାହରେ ସେ ନମ୍ବର-୨ରେ ଥିଲେ। ର୍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡ ବ୍ୟାଟର୍ ଡାରିଲ୍ ମିଚେଲ୍‌ଙ୍କୁ ଗୋଟିଏ ସ୍ଥାନର ଲାଭ ମିଳିଛି ଏବଂ ସେ ଏବେ ୭୮୪ ରେଟିଂ ପଏଣ୍ଟ୍ ସହ ନମ୍ବର ଦୁଇରେ ପହଞ୍ଚିଛନ୍ତି। ଅର୍ଥାତ୍ ପ୍ରଥମ ଏବଂ ଦ୍ୱିତୀୟ ନମ୍ବର ବ୍ୟାଟର୍‌ଙ୍କ ମଧ୍ୟରେ କେବଳ ଗୋଟିଏ ରେଟିଂ ପଏଣ୍ଟ୍‌ର ବ୍ୟବଧାନ ରହିଛି। ବିରାଟ ୨୦୧୩ ଅକ୍ଟୋବରରେ ପ୍ରଥମ ଥର ଶୀର୍ଷ ର୍ୟାଙ୍କିଙ୍ଗ୍ ହାସଲ କରିଥିଲେ। ସେ ମୋଟ ୮୨୫ ଦିନ ପର୍ଯ୍ୟନ୍ତ ନମ୍ବର-୧ ସ୍ଥାନରେ ରହିସାରିଛନ୍ତି। ଅନ୍ୟ କୌଣସି ଭାରତୀୟ ବ୍ୟାଟର୍ ଦିନିକିଆରେ ଏତେ ଦିନ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନରେ ରହିନାହାନ୍ତି। ଏହି ମାମଲାରେ ସେ ବିଶ୍ୱରେ ୧୦ମ ସ୍ଥାନରେ ରହିଛନ୍ତି। ଦିନିକିଆ ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଭାରତର ମହମ୍ମଦ ସିରାଜ୍‌ଙ୍କୁ ବଡ଼ ଲାଭ ହୋଇଛି। ସେ ୫ ସ୍ଥାନର ସୁଧାର ସହିତ ୧୫ଶ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ସହ ଏହି ସ୍ଥାନରେ ବାଂଲାଦେଶର ମେହଦୀ ହସନ୍ ମିରାଜ ମଧ୍ୟ ରହିଛନ୍ତି। ସେହିପରି ଆଫଗାନିସ୍ତାନ ଅଲ୍‌ରାଉଣ୍ଡର୍ ରଶିଦ୍ ଖାନ୍ ବୋଲିଂ ର୍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ଭାରତର କୁଲଦୀପ୍ ଯାଦବ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଭାରତ ବିପକ୍ଷରେ କ୍ୟାରିୟର୍ ଶ୍ରେଷ୍ଠ ୪ ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡ୍ ଫାଷ୍ଟ୍ ବୋଲର୍ କାଇଲ୍ ଜେମିସନ୍ ର୍ୟାଙ୍କିଙ୍ଗ୍‌ରେ ବଡ଼ ଲମ୍ଫ ପ୍ରଦାନ କରିଛନ୍ତି। ସେ ୨୭ ସ୍ଥାନ ଉପରକୁ ଉଠି ୬୯ତମ ନମ୍ବରରେ ପହଞ୍ଚିଛନ୍ତି।

## ରୋହିତଙ୍କୁ ହଟାଇବାକୁ ଅଗରକରଙ୍କୁ କହିଥିଲେ ଏହି ବ୍ୟକ୍ତି !

### ଷଡ଼ଯନ୍ତ୍ରର ମୁଖା ଖୋଲିଦେଲେ ପୂର୍ବତନ କ୍ରିକେଟର୍

ମୁମ୍ବାଇ,(ଏଜେନ୍ସି): କାହିଁକି ଟେଷ୍ଟ କ୍ରିକେଟକୁ ବାଏ ବାଏ କହିଲେ ରୋହିତଶର୍ମା। କେଉଁ କାରଣ ପାଇଁ ତାଙ୍କୁ ଅଧିନାୟକ ପଦରୁ ହଟାଗଲା ?କିଛି ଏମିତି ପ୍ରଶ୍ନ ଏବେବି ଫ୍ୟାନ୍ସଙ୍କ ମନରେ ଉଙ୍କି ମାରୁଛି। ଏଥିପାଇଁ ଅନେକ ପ୍ରଶଂସକ କୋଚ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦାୟୀ କରୁଛନ୍ତି। ତେବେ ସତ କଣ ତାହା ପ୍ରକାଶ କରିଛନ୍ତି ପୂର୍ବତନ ବ୍ୟାଟର ମନୋଜ ତିୱାରୀ।

ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ମନୋଜ କହିଛନ୍ତି ଯେ, ପ୍ରକୃତ କାରଣ କଣ ସେ ଜାଣି ନାହାଁନ୍ତି। କିନ୍ତୁ ଅଜିତ ଅଗରକର ମୁଖ୍ୟ ଖଳନାୟକ। ଅନେକ ସମୟରେ ବଡ ନିଷ୍ପତ୍ତି ନେଇଥାନ୍ତି। ତେବେ ତାଙ୍କ କାନ୍ଧରେ କିଏ ବନ୍ଧୁକ ରଖି ଫୁଟାଇଥାଇପାରେ। ପରଦା ପଛରେ ବହୁତ କିଛି ହୋଇଥାଏ। କୋଚ୍ ଗୌତମ ଗମ୍ଭୀରଙ୍କ ବିନା ପରାମର୍ଶରେ ବଡ ନିଷ୍ପତ୍ତି ନେବା ସମ୍ଭବପର ନୁହେଁ। ରୋହିତଙ୍କୁ ହଟାଇବା ପଛରେ ଉଭୟଙ୍କ ହାତ ରହିଛି। ସେ ଆହୁରି କହିଛନ୍ତି ଯେ, ଶୁଭମନ ଗିଲଙ୍କୁ ନୂଆ ଅଧିନାୟକ ଘୋଷଣା କରାଯାଇଥିଲା। ୨୦୨୭ବିଶ୍ୱକପକୁ ନଜରରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ରୋହିତଙ୍କୁ ଏବେ ୩୮ବର୍ଷ ହେଲାଣି। ଆଗାମୀ ବିଶ୍ୱକପ୍ ପାଇଁ ତାଙ୍କୁ ସୁଯୋଗ ନମିଳିପାରେ। ତେବେ ରୋହିତ ଲଗାତାର ଭାବେ ଭଲ ପ୍ରଦର୍ଶନ କରୁଛନ୍ତି। ନିଜକୁ ଫିଟ୍ ରଖିବାକୁ ସମସ୍ତ ଉଦ୍ୟମ କରୁଛନ୍ତି। ତେବେ ଦଳର ବର୍ତ୍ତମାନ ସ୍ଥିତିକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ତିୱାରୀ। ସେ କହିଛନ୍ତି ଯେ,ଓଡିଆଇ ମ୍ୟାଚ୍ ଦେଖିବାକୁ ଆଉ ଭଲ ଲାଗୁନି। ଟି୨୦ଏବଂ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଅଧିନାୟକକୁ ହଟାଇଦେଲେ ଭଲ ଲାଗେନି। ସେ ନିଜେ ରୋହିତଙ୍କ ସହ ଖେଳିଛନ୍ତି। ରୋହିତ ଯାହା କରିଛନ୍ତି ତାହା ବହୁତ ବଡ କଥା। ଏଭଳି ଜଣେ ଖେଳାଳିଙ୍କୁ ବିସିସିଆଇ ଅସମ୍ମାନ କରିଛି। ଏତେ ସବୁ ଟ୍ରଫି ଜିତାଇ ମଧ୍ୟ ରୋହିତଙ୍କୁ ବୋର୍ଡ ଭରସା କରିପାରିଲାନି। ଯାହା ବହୁତ ବଡ ଭୁଲ। ସେ ନିସ୍ୱାର୍ଥପର ଭାବେ ବ୍ୟାଟିଂ କରନ୍ତି। ତାଙ୍କୁ ଅଧିନାୟକ ପଦରୁ ହଟାଇବା ଠିକ୍ ନୁହେଁ ବୋଲି ମନୋଜ ତିୱାରୀ କହିଛନ୍ତି।

## ଏସିଆନ୍ ଗେମ୍ସ ୨୦୨୬: ସେପ୍ଟେମ୍ବର ୧୭ରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

ନୂଆଦିଲ୍ଲୀ: ଏସିଆନ୍ ଗେମ୍ସ ୨୦୨୬ର କ୍ରିକେଟ୍ କାର୍ଯ୍ୟକ୍ରମ ଘୋଷିତ ହୋଇଛି। ଏସିଆନ୍ ଗେମ୍ସରେ କ୍ରିକେଟ୍ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ଖେଳାଯିବ। ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଗେମ୍ସ ଆୟୋଜିତ ହେବ। ତେବେ ଆଇଚି-ନାଗୋୟା ଏସିଆନ୍ ଗେମ୍ସ ଆୟୋଜକ କମିଟି ଦ୍ୱାରା ଜାରି କାର୍ଯ୍ୟକ୍ରମ ଅନୁସାରେ କ୍ରୀଡ଼ା ପ୍ରତିଯୋଗିତାର ଆଧିକାରିକ ଉଦ୍‌ଘାଟନ ସମାରୋହ ୯ ଦିନ ପୂର୍ବରୁ ହେବ। ଏସିଆନ୍ ଗେମ୍ସ ୨୦୨୬ରେ କ୍ରିକେଟ୍ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ମ୍ୟାଚ୍ ଆଇଚି ପ୍ରପ୍ରେଦଶର କୋରୋଗୀ ଆଥ୍‌ଲେଟିକ୍ ପାର୍କରେ ହେବ।

ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ସେପ୍ଟେମ୍ବର ୨୪ରୁ ଆରମ୍ଭ ହେବ ଏବଂ ଅକ୍ଟୋବର ୧୩ରେ ପଦକ ଫାଇନାଲ୍ ସହ ଶେଷ ହେବ। ଏଥିରେ ୧୦ ଟିମ୍ ଭାଗନେବେ ଏବଂ କ୍ୱାର୍ଟର୍ ଫାଇନାଲ୍ ପୂର୍ବରୁ ତିନିଦିନ ଧରି ପ୍ରିଲିମିନାରୀ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଦିନରେ ଡବଲ୍ ହେଡର୍ ହେବ। ସକାଳ ମ୍ୟାଚ୍ ଭାରତୀୟ ସମୟାନୁସାରେ ସାଢ଼େ ୫ଟାରେ ଆରମ୍ଭ ହେବ। ସେହିପରି ଦ୍ୱିପ୍ରହର ମ୍ୟାଚ୍ ଭାରତୀୟ ସମାୟାନୁସାରେ ସକାଳ ସାଢ଼େ ୧୦ଟାରେ ଖେଳାଯିବ। ଆଗାମୀ ଏସିଆନ୍ ଗ୍ରେସରେ କ୍ରିକେଟ୍ ଚତୁର୍ଥ ଥର ସାମିଲ ହେବ। ୨୦୧୦ ଗ୍ୱାଙ୍ଗ୍‌ଝୁ ଏସିଆନ୍ ଗେମ୍ସରେ କ୍ରିକେଟ୍ ସର୍ବପ୍ରଥମେ ସାମିଲ ହୋଇଥିଲା। ପରେ ୨୦୧୪ ଇଞ୍ଚିୟୋନ୍‌ରେ ଏହାର ପ୍ରତ୍ୟାବର୍ତ୍ତନ ଘଟିଥିଲା। ତେବେ ଏହି ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମାନ୍ୟତା ମିଳିନଥିଲା। ୨୦୨୨ ହାଙ୍ଗ୍‌ଝୁ (ଚୀନ୍)ରେ ହୋଇଥିବା ଏସିଆନ୍ ଗେମ୍ସର ବିଜେତା ଭାରତ ଥିଲା।

## ‘ଧମାଲ ୪’କୁ ମିଳିଲା ନୂଆ ରିଲିଜ ଡେଟ୍

ଚଳିତ ବର୍ଷ ଇଦ ଦମାଦାର ହେବାକୁ ଯାଉଛି। ଏଥର ଅନେକ ବଲିଉଡ ଫିଲ୍ମ ରିଲିଜ ହେବାକୁ ଯାଉଛି। ଏଥିମଧ୍ୟରୁ ରଣଭୀର ସିଂଙ୍କ ‘ଧୁରନ୍ଧର ୨’ ଏବଂ ୟଶଙ୍କ ଅଭିନୀତ ‘ଟକ୍ସିକ‘ ସବୁଠାରୁ ଚର୍ଚ୍ଚିତ। ଏହା ସହ ମଲ୍ଟିଷ୍ଟାରର ‘ଧମାଲ ୪‘ ମଧ୍ୟ ଇଦରେ ରିଲିଜ ହେବାର ଯୋଜନା ଥିଲା। କିନ୍ତୁ, ଏହାର ରିଲିଜ ତାରିଖ ଏବେ ଘୁଞ୍ଚାଇ ଦିଆଯାଇଛି। ନିର୍ମାତା ଏକ ପୋଷ୍ଟର ସେୟାର କରି ନୂଆ ରିଲିଜ ତାରିଖ ଘୋଷଣା କରିଛନ୍ତି। ଦର୍ଶକଙ୍କୁ ଏବେ ’ଧମାଲ ୪’ ପାଇଁ ଆହୁରି ଟିକିଏ ଅପେକ୍ଷା କରିବାକୁ ପଡିବ, କାରଣ ଏହା ମୂଳତଃ ଚଳିତ ବର୍ଷ ଜୁନ୍ ମାସରେ ରିଲିଜ୍ ହେବାର ଥିଲା। ନିର୍ମାତା ଟି-ସିରିଜ ଇନଷ୍ଟାଗ୍ରାମରେ ଏକ ପୋଷ୍ଟର ସେୟାର କରି ସେୟାର କରି ଫିଲ୍ମର ନୂତନ ରିଲିଜ୍ ତାରିଖ ସେୟାର କରି ଲେଖିଛନ୍ତି, ‘ଅଜୟ ଦେବଗନ, ରିତେଶ ଦେଶମୁଖ ଏବଂ ଅରଶଦ ୱର୍ଶି ଅଭିନୀତ ‘ଧମାଲ ୪’ ଏବେ ଜୁନ୍ ୧୨, ୨୦୨୬ରେ ରିଲିଜ୍ ହେବ । ‘ପୋଷ୍ଟର ଡିଜାଇନ୍ ଖବରକାଗଜ ପରି। ଏଥିରେ ଲେଖା ଅଛି, ‘ଧମାଲ ଟାଇମ୍ସ ।‘ ଶୀର୍ଷକରେ ଲେଖା ଅଛି, ‘ବ୍ରେକିଙ୍ଗ ନ୍ୟୁଜ୍: ‘ଧମାଲ ୪’ ଏବେ ଜୁନ୍ ୧୨, ୨୦୨୬ରେ ସିନେମା ହଲ୍‌ରେ ଆସିବ। ଯଦି ଆପଣ ‘ଧମାଲ’ କହିଛନ୍ତି, ତେବେ ଆପଣଙ୍କୁ ଏହା କରିବାକୁ ପଡିବ। ଯୋଡ଼ି ହୋଇ ରୁହନ୍ତୁ। ‘୨୦୦୭ରେ ମୁକ୍ତିଲାଭ କରିଥିବା ‘ଧମାଲ’ ବକ୍ସ ଅଫିସରେ ହିଟ୍ ହୋଇଥିଲା। ଦର୍ଶକମାନେ ଏହାକୁ ବହୁତ ପସନ୍ଦ କରିଥିଲେ।



ଏହାର ମଜାଦାର ଦୃଶ୍ୟ ଏବଂ କାହାଣୀ ପାଇଁ ଏହାକୁ ବହୁତ ପ୍ରଶଂସା ଏବଂ ପ୍ରେମ ମିଳିଥିଲା। ପ୍ରଥମ ଫିଲ୍ମର ସଫଳତା ପରେ, ନିର୍ମାତାମାନେ ୨୦୧୧ରେ ‘ଡବଲ ଧମାଲ’ ଏବଂ ୨୦୧୯ରେ ‘ଟୋଟାଲ ଧମାଲ’ ନିର୍ମାଣ କରିଥିଲେ। ଦୁଇଟି ଫିଲ୍ମକୁ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା। ଦୁଇଟି ଫିଲ୍ମ ଦର୍ଶକଙ୍କୁ ବହୁତ ହସାଇଥିଲା। ଏବେ ‘ଧମାଲ ୪’ରେ କ’ଣ ନୂଆ ଦେଖିବାକୁ ମିଳିବ ତାହା ଦେଖିବା ଆକର୍ଷଣୀୟ ହେବ। ‘ଧମାଲ ୪’ ରେ ଅଜୟ ଦେବଗନ୍, ରିତେଶ ଦେଶମୁଖ, ଅର୍ଶଦ ୱର୍ଶି, ଜାଭେଦ୍ ଜାଫ୍ରି, ସଞ୍ଜୟ ମିଶ୍ର, ସଞ୍ଜୀଦା ଶେଖ, ଅଞ୍ଜଳି ଆନନ୍ଦ, ରବି କିଶନଙ୍କ ଭଳି ତାରକା ଅଭିନୟ କରିବେ। ଇନ୍ଦ୍ର କୁମାର ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ଭୂଷଣ କୁମାର, ଇନ୍ଦ୍ର କୁମାର ଏବଂ ଅଜୟ ଦେବଗନ ଏହାକୁ ଏକାଠି ପ୍ରଯୋଜନା କରୁଛନ୍ତି।

## ‘ଏକ ଦିନ’ ସହ ବଲିଉଡରେ ଡେବ୍ୟୁ କରିବେ ସାଇ ପଲ୍ଲବୀ

ଆମୀର ଖାନଙ୍କ ପୁଅ ଜୁନୈଦ ଖାନ ତାଙ୍କର ଆଗାମୀ ଫିଲ୍ମ ‘ଏକ ଦିନ’ ପାଇଁ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଥିଲା ଏବଂ ରିଲିଜ୍ ତାରିଖ ମଧ୍ୟ ଘୋଷଣା କରାଯାଇଥିଲା। ନିର୍ମାତା ଫିଲ୍ମର ଟିଜର ରିଲିଜ୍ କରିଛନ୍ତି। ଜୁନୈଦ ଏବଂ ସାଇ ପଲ୍ଲବୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଟିଜରରେ ଦୁଇଜଣ ପରସ୍ପରକୁ ରୋମାନ୍ସ କରୁଥିବାର ଦେଖାଯାଇଛି।

‘ଏକ ଦିନ’ ଟିଜରରେ ଜୁନୈଦ ଖାନ ସାଇଙ୍କ ପ୍ରେମରେ ବୁଡ଼ି ରହିଥିବାର ଦେଖାଯାଇଛି। ସେ ସାଇଙ୍କ ପ୍ରତ୍ୟେକ ଶବ୍ଦରେ ପ୍ରେମର ଅର୍ଥ ପାଆନ୍ତି, ଏବଂ ତାଙ୍କ ମୁହଁ ପ୍ରତିଫଳିତ କରେ ଯେ ସାଇ ତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ଜୁନୈଦ କୁହନ୍ତି, ‘ମୁଁ ତୁମର ହସକୁ ଭଲ ପାଏ, ମୀରା। ମୁଁ ଜାଣିନାହିଁ ମୁଁ ତୁମର ହୃଦୟ ଜିତି ପାରିବି କି ନାହିଁ।’ ତା’ପରେ ଦୁହେଁ ବରଫ ଆଚ୍ଛାଦିତ ଉପତ୍ୟକାରେ ଏକାଠି ମୂଲ୍ୟବାନ ମୁହୂର୍ତ୍ତ ବିତାଇଲେ, ଯେପର୍ଯ୍ୟନ୍ତ ହଠାତ୍ ସେମାନଙ୍କର ସ୍ୱପ୍ନ ଭାଙ୍ଗିଯାଏ। ପରବର୍ତ୍ତୀ ସିନ୍‌ରେ, ସାଇ ପଲ୍ଲବୀ କୁହନ୍ତି, ‘ସିନେମାରେ ବହୁତ ଯାଦୁ ଅଛି, ଏହା ଏତେ ଯାଦୁକରୀ। କିନ୍ତୁ ବାସ୍ତବ ଜୀବନରେ ଏହା କେବେ ହୁଏ ନାହିଁ।’ ଉତ୍ତର ହେଉଛି, ‘କେତେବେଳେ ଯାଦୁ ଘଟେ।’

ଆମୀର ଖାନ ପ୍ରଡକ୍ସନ ବ୍ୟାନର ତଳେ ନିର୍ମିତ, ‘ଏକ ଦିନ’ରେ ସାଇ ପଲ୍ଲବୀ ଏବଂ ଜୁନୈଦ ଖାନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସାଇ ପଲ୍ଲବୀଙ୍କ ଏହା ବଲିଉଡ ଡେବ୍ୟୁ। ଏହି ଫିଲ୍ମଟି ସୁନୀଲ ପାଣ୍ଡେଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଆମିର ଖାନ, ମନସୁର ଖାନ ଏବଂ ଅପର୍ଣ୍ଣା ପୁରୋହିତଙ୍କ ଦ୍ୱାରା ପ୍ରଯୋଜିତ। ଫିଲ୍ମର କାହାଣୀ ସ୍ନେହା ଦେଶାଇ ଏବଂ ସ୍ପନ୍ଦନଙ୍କ ଦ୍ୱାରା ରଚିତ। ଏକ ଦିନ ମେ ୧ ରେ ଥିଏଟରରେ ମୁକ୍ତିଲାଭ କରିବ। ଏହି ଫିଲ୍ମଟି ଏସୀୟ ରୋମାଣ୍ଟିକ ଫିଲ୍ମ ୱାନ୍ ଡେର ରିମେକ୍। ଟିଜର ରିଲିଜ୍ ଏବେ ଉତ୍ସୁକତାର ସହିତ ଅପେକ୍ଷା କରାଯାଇଛି। ଏକ ଦିନ ଜୁନୈଦ ଖାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ର। ଖୁସି କପୁରଙ୍କ ବିପକ୍ଷରେ ତାଙ୍କର ପୂର୍ବ ରୋମାଣ୍ଟିକ ଚଳଚ୍ଚିତ୍ର, ଲଭୟାପା, ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିନଥିଲା। ଆମୀର ଖାନ ପୂର୍ବରୁ ସେୟାର କରିଥିଲେ ଯେ ସେ ବ୍ୟକ୍ତିଗତ ଭାବରେ ଫିଲ୍ମଟିକୁ ପସନ୍ଦ କରିଥିଲେ କିନ୍ତୁ ଏହାର ବାଣିଜ୍ୟିକ ଫଳାଫଳରେ ନିରାଶ ହୋଇଥିଲେ। ଏକ ଦିନ ସହ ଆମୀର ଖାନ ତାଙ୍କ ପୁଅକୁ ଏକ ନୂତନ ରୋମାଣ୍ଟିକ ଯୋଡ଼ିରେ ଉପସ୍ଥାପିତ କରୁଛନ୍ତି। ଜୁନୈଦ ଏବଂ ସାଇ ପଲ୍ଲବୀ ପ୍ରଥମ ଥର ପାଇଁ ଏକାଠି ନଜର ଆସିବେ ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ